Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 99
Friday, 12 June 2026
Balasore, Page : 8, ₹ 2/
ବାଲେଶ୍ୱର, ଶୁକ୍ରବାର, ୧୨ ଜୁନ୍, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



# ତ୍ୱରିତ ବିକାଶରେ ଆଗଉଛି ଓଡ଼ିଶା : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର/ ନୂଆଦିଲ୍ଲୀ, ୧୧/୬ (ଆ.ପ୍ର) : ନୀତି ଆୟୋଗର ୧୧ତମ ପରିଚାଳନା ପରିଷଦ ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ସାମଗ୍ରିକ ବିକାଶ, ମାନବ ସମ୍ପଦ ସଶକ୍ତିକରଣ ଓ 'ବିକଶିତ ଭାରତ-୨୦୪୭' ଲକ୍ଷ୍ୟ ପୂରଣ ନେଇ ରାଜ୍ୟ ସରକାରଙ୍କ ରୋଡମ୍ୟାପ୍ ଉପସ୍ଥାପନ କରିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟର ବିଭିନ୍ନ ପଦକ୍ଷେପ ବିଷୟରେ ଅବଗତ କରାଇବା ସହ AI ଭିତିକ ଶାସନ ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ' ଦୃଷ୍ଟିକୋଣ ଫଳରେ ପୂର୍ବ ଭାରତ ଦେଶର ନୂତନ ବିକାଶ କେନ୍ଦ୍ରରେ ପରିଣତ ହେଉଥିବା ବେଳେ ଓଡ଼ିଶା ଏହାର ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଥିବା ସେ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶା ୭.୯ ପ୍ରତିଶତ ଆର୍ଥିକ ଅଭିବୃଦ୍ଧି ହାସଲ କରିଥିବା ବେଳେ ଆର୍ଥିକ ଶୃଙ୍ଖଳା ରକ୍ଷା କରି ନୀତି ଆୟୋଗର ଫିସ୍କାଲ ହେଲଥ ଇଣ୍ଡେକ୍ସ-୨୦୨୬ରେ ପ୍ରଥମ ସ୍ଥାନ ଅଧିକାର କରିଛି । ରେଳ ବିକାଶ ପାଇଁ କେନ୍ଦ୍ର ସରକାର ୧୦,୯୨୮ କୋଟି ଟଙ୍କା ବଜେଟ୍ ବ୍ୟବସ୍ଥା କରିଥିବା ବେଳେ ରାଜ୍ୟରେ ୯୦ ହଜାର କୋଟି ଟଙ୍କାରୁ ଅଧିକ ରେଳ ପ୍ରକଳ୍ପ ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଏହା ସଂଯୋଗକୁ ସୁଦୃଢ଼ କରୁଛି ଏବଂ ନୂତନ ଆର୍ଥିକ ସୁଯୋଗ ଖୋଲିଛି । ସାଗରମାଳା ଓ ପିଏମ୍ ଗତିଶକ୍ତି ଯୋଜନା ଅଧୀନରେ ଓଡ଼ିଶା ଏକ ପ୍ରମୁଖ ସାମୁଦ୍ରିକ ଓ ଲଜିଷ୍ଟିକ୍ସ ହବ୍ ଭାବେ ଉଭା ହେଉଥିବା ଉଲ୍ଲେଖ କରିଛନ୍ତି । ବାହୁଦା ଗଭୀର ସମୁଦ୍ର ବନ୍ଦର ଏବଂ ଜାତୀୟ ଜଳପଥ-୫ ର ବିକାଶ ଦ୍ୱାରା ବାଣିଜ୍ୟ ଓ ଯୋଗାଯୋଗ କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି ହେବ ବୋଲି ସେ କହିଛନ୍ତି । ବିଶ୍ୱ ବାଣିଜ୍ୟରେ ପୂର୍ବ ଭାରତର ଭୂମିକାକୁ ସୁଦୃଢ଼ କରିବ । ସେହିପରି ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ଦୁଇଟି ସେମିକଣ୍ଡକ୍ଟର ପ୍ରକଳ୍ପ ଅନୁମୋଦନ ରାଜ୍ୟର ଶିଳ୍ପ ପରିବେଶକୁ ଆହୁରି ମଜବୁତ କରିଛି । ରାଜ୍ୟକୁ ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର ଏବଂ ଉନ୍ନତ ଉତ୍ପାଦନ ପାଇଁ ଏକ ଉଦୀୟମାନ କେନ୍ଦ୍ର ଭାବରେ ସ୍ଥାନିତ ହେବ । 'ଇନକ୍ଲୁସିଭ୍ ହ୍ୟୁମାନ ଡେଭେଲପମେଂଟ ଫର ବିକଶିତ ଭାରତ-୨୦୪୭' ବିଷୟବସ୍ତୁ ଉପରେ ମତ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, କେବଳ ଭିତିଭୂମି ବିକାଶ ନୁହେଁ, ବରଂ ଦକ୍ଷ ଯୁବଶକ୍ତି, ସୁସ୍ଥ ପରିବାର, ଶିକ୍ଷିତ ଶିଶୁ ଓ ସମାନ ସୁଯୋଗ ହିଁ ବିକଶିତ ଭାରତର ଭିତି । ମାନବ ବିକାଶରେ ନିରନ୍ତର ନିବେଶ ମାଧ୍ୟମରେ ବିକଶିତ ଓଡ଼ିଶା ନିର୍ମାଣ କରିବାକୁ ପ୍ରତିବଦ୍ଧ । ପ୍ରକୃତରେ ଆମର ଦୃଷ୍ଟିକୋଣର ତିନୋଟି ସ୍ତମ୍ଭ ମଧ୍ୟରୁ ଗୋଟିଏ ହେଉଛି ସ୍ୱାସ୍ଥ୍ୟ, ପୁଷ୍ଟିସାର ଏବଂ ଶିକ୍ଷା ସମେତ ଅନ୍ତର୍ଭୁକ୍ତତା ଏବଂ ସମୃଦ୍ଧି ବୋଲି ମୁଖ କହିଛନ୍ତି । ପ୍ରାଥମିକ ଶିକ୍ଷା କ୍ଷେତ୍ରରେ 'ଆମ କୁନି ପିଲା', 'ଆମେ ପଢିବା ଆମ ଭାଷାରେ', 'ମୋ ବିକାଶ ପତ୍ର' ଭଳି କାର୍ଯ୍ୟକ୍ରମ ଶିଶୁ ବିକାଶକୁ ନୂଆ ଦିଗ ଦେଇଛି । ଓଡ଼ିଶା କୃତ୍ରିମ ବୁଦ୍ଧିମତା ବ୍ୟବହାର କରି ଶିଶୁ-ନିର୍ଦ୍ଦିଷ୍ଟ ଶିକ୍ଷା ପ୍ରଦାନ କରିବ । ରାଜ୍ୟରେ ୪୪,୮୭୫ଟି ଶିଶୁ ବାଟିକା ଶ୍ରେଣୀକକ୍ଷ ସ୍ଥାପନ, ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଅଧୀନରେ ନବମ ଓ ଦଶମ ଶ୍ରେଣୀର ୧୧ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଣ ଓ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ 'ଶହୀଦ ମାଧୋ ସିଂ ହାତଖର୍ଚ୍ଚା ଯୋଜନା' କାର୍ଯ୍ୟକାରୀ ହୋଇଥିବା ସେ ସୂଚନା ଦେଇଛନ୍ତି । ଶ୍ରମ ବଜାରର ବିକଶିତ ପ୍ରକୃତିକୁ ସ୍ୱୀକାର କରି, ରାଜ୍ୟ ଏକ ବ୍ୟାପକ ଏବଂ ବହୁସ୍ତରୀୟ ଦକ୍ଷତା ଇକୋସିଷ୍ଟମ ଗ୍ରହଣ କରିଛି । ଯାହା ସ୍ୱଳ୍ପକାଳୀନ ତାଲିମ, ଦୀର୍ଘକାଳୀନ ବୃତିଗତ ଶିକ୍ଷା, ଉଚ୍ଚ ବୈଷୟିକ ଶିକ୍ଷା ଏବଂ ଉନ୍ନତ ଦକ୍ଷତା ବିଶେଷଜ୍ଞତାକୁ ବ୍ୟାପିଛି । ଦକ୍ଷତା ବିକାଶ କ୍ଷେତ୍ରରେ ୧୦ଟି ସରକାରୀ ITIକୁ 'ଉତ୍କର୍ଷ ITI'ରେ ପରିଣତ କରାଯାଉଥିବା ବେଳେ ୨୫ଟି ITIରେ ଉଦୀୟମାନ କ୍ଷେତ୍ର ପାଇଁ ସେଂଟର ଅଫ୍ ଏକ୍ସଲେନ୍ସ ଏବଂ ୧୩ଟି ଓଟିଓରେ ଇଓ ଲ୍ୟାବ୍ ସ୍ଥାପନ କରାଯାଉଛି । ବିଶ୍ୱ କୌଶଳ କେନ୍ଦ୍ରର ସମ୍ବଲପୁର ଓ ବ୍ରହ୍ମପୁର କ୍ୟାମ୍ପସ ଖୋଲିବା ଯୋଜନା ମଧ୍ୟ ରହିଛି । ରାଜ୍ୟ ସରକାର ଭାରତ ସରକାରଙ୍କ ଚଗ SETU ଯୋଜନା କାର୍ଯ୍ୟକାରୀ କରିବାକୁ ମଧ୍ୟ ପ୍ରସ୍ତୁତ ଅଛନ୍ତି । ତୃଣମୂଳ ଭିତିଭୂମି, ଗଣ ଅଂଶଗ୍ରହଣ ଏବଂ ପ୍ରତିଭା ବିକାଶ ଉପରେ କେନ୍ଦ୍ରିତ ଏକ ବ୍ୟାପକ ଏବଂ ଅନ୍ତର୍ଭୁକ୍ତ ଆଭିମୁଖ୍ୟ ମାଧ୍ୟମରେ ଓଡ଼ିଶା ଏକ ଅଗ୍ରଣୀ କ୍ରୀଡା ରାଜ୍ୟ ଭାବରେ ଉଭା ହୋଇଛି । କ୍ରୀଡ଼ା କ୍ଷେତ୍ରରେ ୩୧୪ଟି ବ୍ଲକ୍ ସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ, 'ଫିଟ୍ ଓଡ଼ିଶା ମିଶନ' ଏବଂ 'ମୁଖ୍ୟମନ୍ତ୍ରୀ ଟ୍ରଫି' ମାଧ୍ୟମରେ ଗ୍ରାମାଂଚଳର ପ୍ରତିଭାଙ୍କୁ ପ୍ରୋତ୍ସାହନ ଦିଆଯାଉଛି । କୃଷି କ୍ଷେତ୍ରରେ ଏଗ୍ରିଷ୍ଟାକ୍ ପ୍ଲାଟଫର୍ମ ମାଧ୍ୟମରେ ୩ କୋଟିରୁ ଅଧିକ ଜମିଖଣ୍ଡର ଡିଜିଟାଲ୍ ସର୍ଭେ ସମ୍ପୂର୍ଣ୍ଣ ହୋଇଥିବା ବେଳେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଓ ଟେଲି-କନସଲଟେସନ୍ ସେବା ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛି । ଓଡ଼ିଶା AI ଓ ଡିଜିଟାଲ୍ ପ୍ରଯୁକ୍ତିର ବ୍ୟବହାର ମାଧ୍ୟମରେ ଶାସନ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ଦ୍ରୁତ ଓ ଜନମୁଖୀ କରିବାକୁ ପଦକ୍ଷେପ ନେଉଥିବା ବେଳେ 'ଆମ ସାଥୀ' ଭଳି ପ୍ଲାଟଫର୍ମ ମାଧ୍ୟମରେ ନାଗରିକ ସେବାକୁ ସହଜ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଶେଷରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ 'ବିକଶିତ ଭାରତ' ସ୍ୱପ୍ନ ସାକାର ହେବା ସହ ଓଡ଼ିଶା ଦେଶର ବିକାଶର ଏକ ଶକ୍ତିଶାଳୀ ସ୍ତମ୍ଭ ଭାବେ ଉଭା ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

## ଦେବାଶିଷ ସାମନ୍ତରାୟ ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ନିର୍ବାଚିତ



ଭୁବନେଶ୍ୱର, ୧୧/୬ (ଆ.ପ୍ର) : ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ଦେବାଶିଷ ସାମନ୍ତରାୟ । ରାଜ୍ୟସଭା ଉପନିର୍ବାଚନ ପାଇଁ ସେ ବିଜେପି ତରଫରୁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । କିନ୍ତୁ ସେ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବାରୁ ଏହି ଉପନିର୍ବାଚନ ପାଇଁ ଆଉ ଭୋଟିଂର ଆବଶ୍ୟକତା ପଡ଼ିଲା ନାହିଁ । ଫଳରେ ସେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବା ନେଇ ଗୁରୁବାର ଘୋଷଣା କରାଯାଇଛି । ୨୦୨୪ ଏପ୍ରିଲରେ ବିଜେଡି ଟିକେଟରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଦେବାଶିଷ ସାମନ୍ତରାୟ । ତାଙ୍କ କାର୍ଯ୍ୟକାଳ ୨୦୩୦ ଏପ୍ରିଲ ୩ ତାରିଖରେ ଶେଷ ହୋଇଥା'ନ୍ତା । ତା' ପୂର୍ବରୁ ୨୦୨୬ ମେ' ୨୫ ତାରିଖରେ ସେ ବିଜେଡିରୁ ଇସ୍ତଫା ଦେବା ସହିତ ରାଜ୍ୟସଭା ସାଂସଦ ପଦ ମଧ୍ୟ ଛାଡ଼ି ଦେଇଥିଲେ । ମେ' ୨୬ରେ ସେ ବିଜେପିରେ ଯୋଗ ଦେଇଥିଲେ । ସେ ଇସ୍ତଫା ଦେବା ପରେ ଖାଲି ପଡ଼ିଥିବା ଆସନ ପାଇଁ ଉପନିର୍ବାଚନ କରାଯିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଆଉ ଆଶା ମୁତାବକ ବିଜେପି ତାଙ୍କୁ ପ୍ରାର୍ଥୀ କରିଥିଲା । ସୂଚନାଯୋଗ୍ୟ, ଦେବାଶିଷ ସାମନ୍ତରାୟ ୩ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୨୦୦୦ ମସିହାରେ ବିଜେଡି ଟିକେଟରେ ତିର୍ତ୍ତୋଲ ଆସନରୁ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଏହା ପରେ ୨୦୦୯ ଓ ୨୦୧୪ରେ ସେ ବିଜେଡି ଟିକେଟରେ ବାରବାଟୀ-କଟକ ଆସନରୁ ବିଧାନସଭାକୁ ଯାଇଥିଲେ । ୨୦୧୯ରେ ସେ ଏହି ଆସନରେ ମହମ୍ମଦ ମୋକିମଙ୍କଠାରୁ ପରାସ୍ତ ହୋଇଯାଇଥିଲେ ।

## ଝାଡ଼ଖଣ୍ଡରେ ଅଭିଯୋଗ ଥାଇ ବି ବିଜେପି ସମର୍ଥିତ ରାଜ୍ୟସଭା ପ୍ରାର୍ଥୀଙ୍କ ନାମାଙ୍କନ କାଏମ

ନୂଆଦିଲ୍ଲୀ, ୧୧/୬(ନ୍ୟୁ.ଏ): ରାଜ୍ୟସଭା ନିର୍ବାଚନରେ କଂଗ୍ରେସର ଅଡୁଆ ବଢୁଛି । ମଧ୍ୟପ୍ରଦେଶରେ ଦଳର ପ୍ରାର୍ଥୀ ମୀନାକ୍ଷୀ ନଟରାଜଙ୍କ ପ୍ରାର୍ଥୀପତ୍ର ହୋଇଛି ରଦ୍ଦ । ସେପଟେ କଂଗ୍ରେସର ଆପତି ସତ୍ତ୍ୱେ ଝାଡ଼ଖଣ୍ଡରେ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ୍ ଥିବାରୁ କଂଗ୍ରେସ ପ୍ରାର୍ଥୀଙ୍କ ବିଜୟ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି । ଝାଡ଼ଖଣ୍ଡ ବିଧାନସଭା ସଦସ୍ୟ ସଂଖ୍ୟା ୮୧ । ଏବେ ଦୁଇଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେଉଥିବାରୁ ଗୋଟିଏ ଆସନ ଜିତିବାକୁ ୨୮ ଜଣ ବିଧାୟକଙ୍କ ସମର୍ଥନ ଆବଶ୍ୟକ । ଏହି ଆଧାରରେ ଜେଏମଏମ୍ ନେତୃତ୍ୱାଧୀନ ଶାସକ ମେଂଟର ୫୬ ଜଣ ବିଧାୟକଙ୍କ ସମର୍ଥନରେ ଜେଏମଏମର ବୈଦ୍ୟନାଥ ରାମ ଓ କଂଗ୍ରେସ ପ୍ରାର୍ଥୀ ପ୍ରଣବ ଝା ଜିତିବା ସ୍ପଷ୍ଟ ଥିଲା । କିନ୍ତୁ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଶିଳ୍ପପତି ପରିମଳ ନାଥୱାନୀଙ୍କ ପ୍ରାର୍ଥୀପତ୍ର କାଏମ ରହିବା ଯୋଗୁ କଂଗ୍ରେସ ପ୍ରାର୍ଥୀ ପ୍ରବଣ ଝାଙ୍କ ବିଜୟ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି । ଝାଡ଼ଖଣ୍ଡରେ ବିଜେପି ନେତୃତ୍ୱାଧୀନରେ ମେଂଟର ୨୪ ଜଣ ବିଧାୟକ ଅଛନ୍ତି । ପରିମଳ ନାଥୱାନୀଙ୍କ ବିଜୟ ପାଇଁ ଆଉ ୪ ଜଣ ବିଧାୟକଙ୍କ ସମର୍ଥନ ଆବଶ୍ୟକ । ଅନ୍ୟପକ୍ଷରେ ବିଧାନସଭାରେ ୧୬ ଜଣ କଂଗ୍ରେସ ବିଧାୟକ ଥିବାରୁ ଦଳୀୟ ପ୍ରାର୍ଥୀ ପ୍ରଣବ ଝାଙ୍କ ବିଜୟ ପାଇଁ ଜେଏମଏମ୍ ବିଧାୟକଙ୍କ ସମର୍ଥନ ଜରୁରି । ଏଥିରେ ଶିଳ୍ପପତି ପରିମଳ ନାଥୱାନୀଙ୍କ ପ୍ରାର୍ଥୀତ୍ୱ ପ୍ରତିବନ୍ଧକ ସୃଷ୍ଟି କରିବାର ଆଶଙ୍କା ରହିଛି । ପରିମଳ ପୂର୍ବରୁ ଜେଏମଏମ ସମର୍ଥନରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସହ ତାଙ୍କର ଭଲ ସମ୍ପର୍କ ରହିଛି । ଆର୍ଥିକ ମାମଲାରେ ଛନ୍ଦି ହୋଇ ଇଡି ଦ୍ୱାରା ଗିରଫ ହେବା ପରେ କିଛିଦିନ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଥିଲେ ହେମନ୍ତ । ଏହି ସୁଯୋଗରେ ପରିମଳଙ୍କୁ ହେମନ୍ତ ସୋରେନ ସମର୍ଥନ ଦେଇ ବିଜେପି ହାଇକମାଣ୍ଡଙ୍କ ଭଲ ନଜରରେ ରହିଲେ ଇଡି ମାମଲା ପ୍ରତ୍ୟାହାର ସମ୍ଭାବନା ଅଛି । ଏହାଛଡ଼ା ଏକତରଫା ରାଜ୍ୟସଭା ପ୍ରାର୍ଥୀ ଘୋଷଣା ଓ ଆସାମରେ ଆସାମ ବୁଝାମଣା ନେଇ କଂଗ୍ରେସ ଉପରେ ହେମନ୍ତ ଖପ୍ପା ଅଛନ୍ତି । ଏପରିସ୍ଥଳେ ଜେଏମଏମର ବଳକା ଭୋଟ୍ କଂଗ୍ରେସ ପ୍ରାର୍ଥୀଙ୍କ ପାଖକୁ ନଯାଇ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ପରିମଳଙ୍କ ସପକ୍ଷରେ ଗଲେ ଏଥିରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ ।

## 'ନିଟ୍' ପରୀକ୍ଷାର୍ଥୀଙ୍କୁ ମାଗଣା ବସ୍ ଯାତ୍ରା

ଭୁବନେଶ୍ୱର, ୧୧/୬ (ଆ.ପ୍ର) : ରାଜ୍ୟର ସମସ୍ତ 'ନିଟ୍' ପରୀକ୍ଷାର୍ଥୀଙ୍କୁ ମାଗଣା ବସ୍ ଯାତ୍ରା ସୁବିଧା ମିଳିବ । ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଏହି ଘୋଷଣା ହୋଇଛି । ନିଟ୍ (ୟୁଜି) ପୁନଃ ପରୀକ୍ଷା ଚଳିତମାସ ୨୧ତାରିଖ ରବିବାର ଅନୁଷ୍ଠିତ ହେବ । ପରୀକ୍ଷାର୍ଥୀମାନେ ନିଜର ବୈଧ ଆଡମିଟ୍ କାର୍ଡ ଦେଖାଇ ଏହି ମାଗଣା ବସ୍ ଯାତ୍ରା ସୁବିଧା ପାଇପାରିବେ । ଏହି ସୁବିଧା ଓଏସଆରଟିସି ଓ କ୍ଯୁଟ୍ ବସଗୁଡ଼ିକରେ ଉପଲବ୍ଧ ହେବ । ପ୍ରବଳ ଗ୍ରୀଷ୍ମପ୍ରବାହ ଏବଂ ଗରିବ ଛାତ୍ରଛାତ୍ରୀଙ୍କ ସୁବିଧା ନିମନ୍ତେ ରାଜ୍ୟ ସରକାର ଏହି ନିଷ୍ପତି ନେଇଛନ୍ତି । ରାଜ୍ୟ ପରିବହନ ବିଭାଗର ସ୍ୱତନ୍ତ୍ର ସଚିବ ଦେବଦତ ସୁରଞ୍ଜିତା ଜେନା ଏନେଇ ଏକ ନିର୍ଦ୍ଦେଶନାମା ଜାରି କରିବା ସହ ଏହାକୁ 'ସର୍ବୋଚ୍ଚ ପ୍ରାଥମିକତା' ଦେଇ ତୁରନ୍ତ କାର୍ଯ୍ୟକାରୀ କରିବା ନିମନ୍ତେ ରାଜ୍ୟ ପରିବହନ କମିଶନର, ଓଏସଆରଟିସି ଅଧ୍ୟକ୍ଷ ଓ କ୍ଯୁଟ୍ ପରିଚାଳନା ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଅବଗତ କରିଛନ୍ତି । ସେ ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ, ପ୍ରବଳ ଗ୍ରୀଷ୍ମପ୍ରବାହରେ ଅଂଶୁଘାତର ଆଶଙ୍କାକୁ ହ୍ରାସ କରିବା ଓ ଗରିବ ବର୍ଗର ଛାତ୍ରଛାତ୍ରୀଙ୍କୁ ସହାୟତା ନିମନ୍ତେ ରାଜ୍ୟ ସରକାର ନିଟ୍ ୟୁଜି ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ ମାଗଣା ବସଯାତ୍ରା ସୁବିଧା ପ୍ରଦା ପାଇଁ ନିଷ୍ପତି ନେଇଛନ୍ତି ।

## ୩ ଦିନ ପରେ ଓଡିଶା ଛୁଇଁବ ଦକ୍ଷିଣ-ପଶ୍ଚିମ ମୌସୁମୀ

ଭୁବନେଶ୍ୱର, ୧୧/୬ (ଆ.ପ୍ର) : ଜୁନ୍ ୧୬ରୁ ବଦଳିବ ପାଗ । ଓଡିଶା ମୁହାଁ ହେବ ମୌସୁମୀ । ଆଉ ୩ ଦିନ ପରେ ଛୁଇଁବ ଦକ୍ଷିଣ-ପଶ୍ଚିମ ମୌସୁମୀ ।ଅନ୍ୟପକ୍ଷରେ ୧୬ରୁ ୧୮ ଜୁନ୍ ଯାଏ କୌଣସି ୱାର୍ଣ୍ଣିଂ ନାହିଁ । ଏହାରି ଭିତରେ କାଳବୈଶାଖୀ ଯିବ, ମୌସୁମୀ ଆସିବ । ଓଡିଶା ପାଇଁ ଗ୍ରୀନ୍ ସିଗନାଲ୍ ଦେଲେ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି । ବର୍ତମାନ ମୌସୁମୀ କର୍ଣ୍ଣାଟକ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ପାର୍ ହୋଇ ପଶ୍ଚିମବଙ୍ଗ ଓ ବିହାରର କିଛି ଅଂଶ ଛୁଇଁଛି । ଆଗାମୀ ୨ରୁ ୩ ଦିନରେ ମୌସୁମୀ ଆଗକୁ ବଢି ଓଡିଶା, ଛତିଶଗଡ, ଝାଡଖଣ୍ଡ ଓ ଉତର ପ୍ରଦେଶର କିଛି ଅଂଶକୁ ଛୁଇଁବା ପାଇଁ ପରିସ୍ଥିତି ଅନୁକୂଳ ଅଛି । ମୌସୁମୀର ଉତର ସୀମା ଏବେ କଳିଙ୍ଗପାଟନମ୍, ରାୟଗଡା ପର୍ଯ୍ୟନ୍ତ ଆସିଛି । ସବୁଠୁ ଗୁରୁତ୍ୱପୂର୍ଣ କଥା ୧୬ ଜୁନ୍ ରୁ ୧୮ ଜୁନ୍ ସକାଳ ଯାଏଁ ସାରା ଓଡିଶାରେ କୌଣସି ୱାର୍ଣ୍ଣିଂ ଦିଆଯାଇ ନାହିଁ । ଏହି ୩ ଦିନ କାଳବୈଶାଖୀ ଦୁର୍ବଳ ରହିବ । ଏହା ହିଁ ମୌସୁମୀ ପ୍ରବେଶର ସବୁଠୁ ବଡ଼ ସଙ୍କେତ । ୧୮ ଜୁନ୍ ପରେ ବି ସେପରି କୌଣସି ପରିବର୍ତନ ହେବ ନାହିଁ । ଅର୍ଥାତ୍ ପାଗ ସ୍ଥିର ରହିବ, ଯାହା ମୌସୁମୀ ବର୍ଷା ପାଇଁ ରାସ୍ତା ଖୋଲିବ । ଅନ୍ୟପକ୍ଷରେ ଗତ ୨୪ ଘଂଟାରେ ସର୍ବୋଚ୍ଚ ତାପମାତ୍ରା ବଲାଙ୍ଗିରରେ ୪୧ ଡିଗ୍ରୀ, ସର୍ବନିମ୍ନ କୋରାପୁଟରେ ୨୦.୮ ଡିଗ୍ରୀ ରେକର୍ଡ କରାଯାଇଛି ।ସର୍ବାଧିକ ବର୍ଷା ସମ୍ବଲପୁର ରେଢ଼ାଖୋଲରେ ୨୯ ମିଲିମିଟର, ପଟାଙ୍ଗି ୨୮.୪, ନୀଳଗିରି ୨୫ ମିଲିମିଟର ରେକର୍ଡ କରାଯାଇଛି । ଆସନ୍ତାକାଲି ଯାଏଁ ଉପକୂଳ ଓଡିଶାରେ ଗରମ ଓ ଗୁଳୁଗୁଳି ରହିଛି । ତେଣୁ ୟେଲୋ ୱାର୍ଣିଂ ଦେଇଛି ବିଭାଗ ।

## ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ମାମଲା: ଓଏଏସ୍ ପ୍ରେମିକଙ୍କ ପାଇଁ ବଢ଼ିଲା ଅଡୁଆ



କଟକ, ୧୧/୬ (ଆ.ପ୍ର) : କାଠଯୋଡ଼ି ନଦୀରୁ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ଭଞ୍ଜବାଳା ହେମ୍ବ୍ରମଙ୍କ ମୃତଦେହ ମିଳିବା ମାମଲାରେ ବଢ଼ିଲା ଓଏଏସ୍ ପ୍ରେମିକ ଭୀମସେନ ପ୍ରସାଦ ଟୁଡୁ ପାଇଁ ଅଡୁଆ । ପୁରୁଷ ବନ୍ଧୁ ଅଭିଯୁକ୍ତ ଓଏଏସ୍ ଅଧିକାରୀଙ୍କ ବିରୋଧରେ ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଥିବାରୁ ତାଙ୍କ ପାଇଁ ଅଡୁଆ ବଢ଼ିଛି । ଅଭିଯୁକ୍ତ ଏବେ ମୋବାଇଲ୍ ଫୋନ୍ ସୁଇଚଡ୍ ଅଫ୍ କରି ଫେରାର ଥିବାରୁ ପୁଲିସ ତାଙ୍କୁ ଖୋଜାଖୋଜି ଚଳାଇଛି । ସମ୍ପୃକ୍ତ ଓଏଏସ୍ ଅଧିକାରୀଙ୍କ ପରିବାରରୁ ତାଙ୍କ ବାପା, ମାଆ, ଭଉଣୀ, ଭାଇ ଏବଂ ଭିଣୋଇଙ୍କୁ ବାରଙ୍ଗ ଥାନା ପୁଲିସ ଜେରା କରି ଛାଡ଼ିଥିବାର ସୂଚନା ମିଳିଛି । ପୁଅକୁ ତୁରନ୍ତ ଆଣି ଥାନାରେ ପହଂଚାଇବା ପାଇଁ ପରିବାର ଲୋକଙ୍କୁ ତଦନ୍ତକାରୀ ଅଧିକାରୀ କହିଛନ୍ତି । ଅଭିଯୁକ୍ତ ବିରୋଧରେ ପୁଲିସ ସଙ୍ଗୀନ ଦଫାରେ ଲଗାଇଛି । ଯାହା ଓଏଏସ୍ ଅଧିକାରୀଙ୍କୁ ଆଇନ ଫାଶରୁ ଖସିବା କଷ୍ଟକର ବ୍ୟାପାର ହୋଇଛି । ତେଣୁ ସେ ପୁଲିସ ହାତରେ ଧରାନପଡ଼ିବା ପାଇଁ ବାହାରେ ଆତ୍ମଗୋପନ କରିଥିବା କୁହାଯାଉଛି । ଅନ୍ୟପଟେ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ଭଞ୍ଜବାଳା ହେମ୍ବ୍ରମ୍ (୨୯)ଙ୍କର ବ୍ୟବଚ୍ଛେଦ ରିପୋର୍ଟ ବାରଙ୍ଗ ଥାନା ପୁଲିସର ହସ୍ତଗତ ହୋଇଛି ।

## କେରଳମ୍ ଫେରିଲା ନିପା ଭାଇରସ




ନୂଆଦିଲ୍ଲୀ, ୧୧/୬(ନ୍ୟୁ.ଏ): ଚଳିତ ବର୍ଷ କେରଳମ୍‌ରେ ନିପା ଭାଇରସର ପ୍ରଥମ ମାମଲା ଦେଖିବାକୁ ମିଳିଛି । ଗୁରୁବାର ଏହି ସୂଚନା ପ୍ରକାଶ ପାଇଛି । ରୋଗୀ ଜଣକ ୪୩ ବର୍ଷ ବୟସ୍କ ଓ କୋଜିକୋଡର ବାସିନ୍ଦା । ରିପୋର୍ଟ ପଜିଟିଭ୍ ଆସିବା ପରେ ରାଜ୍ୟ ସରକାର ସମଗ୍ର ରାଜ୍ୟରେ ହାଇଆଲର୍ଟ ଜାରି କରିଛନ୍ତି । ସାମାନ୍ୟ ଜ୍ୱର ହେବା ପରେ ରୋଗୀଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତି କରାଯାଇଥିଲା । ପରେ ତାଙ୍କୁ କୋଝିକୋଡ ମେଡିକାଲ କଲେଜକୁ ପଠାଯାଇଥିଲା । ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ବେଳେ ସେ ଭେଂଟିଲେଟରରେ ଅଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ କେ ମୁରଲୀଧରନ୍ କହିଛନ୍ତି, ରୋଗୀ ଜଣକ ଅନେକ ଲୋକଙ୍କ ସଂସ୍ପର୍ଶରେ ଆସିଥିଲେ । ଡାକ୍ତରଖାନା କର୍ମଚାରୀ ଓ ତାଙ୍କ ସଂସ୍ପର୍ଶରେ ଆସିଥିବା ସମ୍ଭାବ୍ୟ ଲୋକଙ୍କୁ ସଙ୍ଗରୋଧରେ ରହିବାକୁ କୁହାଯାଇଛି । ବର୍ତମାନ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ । ୨୦୧୮ ପରଠାରୁ ଷଷ୍ଠ ଥର ପାଇଁ କେରଳମ୍‌ରେ ସଂକ୍ରମଣ ହୋଇଛି । ଶେଷ ଥର ପାଇଁ ଦୁଇ ବର୍ଷ ପୂର୍ବେ, ୨୦୨୪ରେ ଦୁଇଟି ମାମଲା ମିଳିଥିଲା । ଜଣେ ରୋଗୀ ପ୍ରାଣ ହରାଇଥିଲା । ଅଧିକାରୀଙ୍କ କହିବାନୁସାରେ, ରୋଗୀ ନିକଟରେ ଏକ ଗୋଦାମ ଭଡ଼ାରେ ନେଇ ନିଜେ ସଫା କରିଥିଲେ । ଏହି ସମୟରେ ସେ ସଂକ୍ରମଣରେ ଆକ୍ରାନ୍ତ ହୋଇଥିବା ଆଶଙ୍କା କରାଯାଉଛି ।

## କମିଶନ ରିପୋର୍ଟ ଗାଏବ: ନବୀନଙ୍କୁ କାଠଗଡ଼ାରେ ଛିଡ଼ା କଲେ ରାଜସ୍ୱ ମନ୍ତ୍ରୀ ଓ ବିଜେପି

ଭୁବନେଶ୍ୱର, ୧୧/୬ (ଆ.ପ୍ର) :ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଦୁଇ ଗୁରୁତ୍ୱପୂର୍ଣ୍ଣ ତଦନ୍ତ କମିଶନ ରିପୋର୍ଟ ଚୋରି ହୋଇଥିବା ନେଇ ଥାନାରେ ଏତଲା ପରେ ଏବେ ରାଜ୍ୟ ରାଜନୀତି ସରଗରମ ହୋଇପଡ଼ିଛି । ଉଭୟ ରାଜ୍ୟ ସରକାର ଓ ବିଜେପି ସିଧାସଳଖ ଆଜି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଦାୟୀ କରିଛନ୍ତି । କମିଶନ ରିପୋର୍ଟ ଆମେ ଖୋଜୁଛୁ ଓ ଦେଖୁଛୁ ବୋଲି ଉତର ଆସିବା ପରେ ଶେଷରେ ସରକାର ବାଧ୍ୟ ହୋଇ ଥାନାରେ ଏତଲା ଦେଇଥିବା ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ପୁଲିସ ମଧ୍ୟ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଏହାର ତଦନ୍ତ ଜୋରଦାର କରିଥିବାବେଳେ ବିଜେଡି ଏହାର ପାଲଟା ଜବାବ ଦେଇଛି । ଦଳର ବରିଷ୍ଠ ନେତା ମୁନ୍ନା ଖାନ୍ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସିଧାସଳଖ ଫାଇଲ ଚୋରି ହେବା ଭଳି କଥାକୁ ପୂର୍ବତନ ମୁଖ୍ୟ ସଚିବ ବିଜୟ ପଟ୍ଟନାୟକ ସହଜରେ ଗ୍ରହଣ କରିପାରିନାହାନ୍ତି । ବିଜେପି ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ ଆଜି ଏକ ସାମ୍ବାଦିକ ସମ୍ମିଳନୀ କରି ପୂର୍ବ ସରକାର ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାର ଉପରେ କଡ଼ା ଭାଷାରେ ବର୍ଷିଛନ୍ତି । ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ତଦନ୍ତ କମିଶନ ରିପୋର୍ଟ ଚୋରି ଏକ ସୁଚିନ୍ତିତ ଓ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି କହିଛନ୍ତି । ୨୦୦୮ ପବିତ୍ର ଜନ୍ମାଷ୍ଟମୀରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଉପରେ ମରଣାନ୍ତ ଆକ୍ରମଣ ସତ୍ତ୍ୱେ ତତକାଳୀନ ପୁଲିସ ପ୍ରଶାସନ ଠିକ୍ ଭାବେ ସୁରକ୍ଷା ଦେଇନଥିଲା । ବରଂ ହତ୍ୟାକାଣ୍ଡ ଦିନ ତାଙ୍କୁ ଦିଆଯାଇଥିବା ସୁରକ୍ଷା ବ୍ୟବସ୍ଥାକୁ ହଟାଇ ଦିଆଯାଇଥିଲା । ଏହି ରହସ୍ୟଜନକ ହତ୍ୟାକାଣ୍ଡର ତଦନ୍ତ ପାଇଁ ଗଠିତ ଜଷ୍ଟିସ ନାଇଡୁ କମିଶନ ଦୀର୍ଘ ୮ ବର୍ଷର ଅନୁସନ୍ଧାନ କରିବା ପରେ ୨୦୧୬ ସେପଟେମ୍ବର ୧୬ ରେ ତଦନ୍ତ ରିପୋର୍ଟ ପ୍ରଦାନ କରାଯାଇଥିଲେ ମଧ୍ୟ ବିଜେଡି ସରକାରରେ ଏହାକୁ ଦୀର୍ଘ ୮ବର୍ଷ ଧରି ଅର୍ଥାତ ୨୦୨୪ ପର୍ଯ୍ୟନ୍ତ ତାକୁ ଉଦ୍ଦେଶ୍ୟମୂଳକ ଭାବେ ସାର୍ବଜନୀନ କରି ନଥିଲେ । ତେଣୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସିଧାସଳଖ ଫାଇଲ ଚୋରି ହେବା ଭଳି କଥାକୁ ସେ ସହଜରେ ବିଶ୍ୱାସ କରିପାରୁ ନାହାନ୍ତି, ବରଂ ସରକାର ବଦଳିବା ସମୟରେ ଅଫିସର ଓ କର୍ମଚାରୀ ବଦଳି ଯାଉଥିବାରୁ ଫାଇଲଗୁଡ଼ିକ କେଉଁଠି ମିସପ୍ଲେସ ବା ଏପଟସେପଟ ହୋଇଯାଇଥାଇପାରେ, ଯାହାକୁ ଆନ୍ତରିକତାର ସହ ଖୋଜିଲେ ମିଳିଯିବ ବୋଲି ସେ କହିଛନ୍ତି । ଏତେ ବଡ଼ ସମ୍ବେଦନଶୀଳ ମାମଲାରେ ସିଧାସଳଖ ଚୋରିର ଆଖ୍ୟା ନଦେଇ ପ୍ରଥମେ ଏକ ଆଭ୍ୟନ୍ତରୀଣ ତଦନ୍ତ କରାଯିବାର ଆବଶ୍ୟକ ଥିଲା । ଏବେ ଏଫଆଇଆର କରାଯାଇଥିବାରୁ ପୁଲିସ ତଦନ୍ତ ପରେ ହିଁ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ । କିନ୍ତୁ ଏହାର ନକଲ କେଉଁଠି ନା କେଉଁଠି ନିଶ୍ଚିତ ଭାବେ ସୁରକ୍ଷିତ ଥିବ ବୋଲି ସେ ଦୃଢ଼ ମତ ରଖିଛନ୍ତି । ଏପଟେ ଗତକାଲି ଥାନାରେ ଏତଲା ପରେ ଆଜି ପୁଲିସ ଆକ୍ସନମୋଡକୁ ଆସିଛି । ତଦନ୍ତକାରୀ ଅଧିକାରୀ ବିପିନ ବିହାରୀ ହୋତା ଲୋକସେବା ଭବନ ଯାଇ ଗୃହ ବିଭାଗର ଯୁଗ୍ମ ସଚିବ ଶରତ ଚନ୍ଦ୍ର ମାରାଣ୍ଡିଙ୍କୁ(ଏତଲା ପ୍ରଦାନକାରୀ) ପ୍ରାୟ ୩୦ମିନିଟ୍ ଧରି ପଚରାଉଚୁରା କରିଥିଲେ । ପୁଲିସ କମିଶନର ଏସ୍ ଦେବଦତ ସିଂ ମଧ୍ୟ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଦୁଇଟି କମିଶନ ରିପୋର୍ଟ ହଜିବା ଘଟଣା ପାଇଁ ଜଣେ ଏସିପି ଓ ଦୁଇଜଣ ଆଇଆଇସିଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି । ପ୍ରସଙ୍ଗଟି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ଏହାର ସବୁ ଦିଗରୁ ତଦନ୍ତ ହେବ ଓ କେଉଁ ନିର୍ଦ୍ଦିଷ୍ଟ ସମୟରେ ଫାଇଲ ମିସିଂ ହେଲା ଓ ଏଥିରେ କିଏ ସମ୍ପୃକ୍ତ, ତାହା ଖୋଜି ବାହାର କରାଯିବ । ଏସବୁ ମଧ୍ୟରେ ପୁଲିସ ଏବେ ସେହି ଫାଇଲ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସେତେବେଳେ କାହା କଷ୍ଟଡ଼ିରେ ଥିଲା ଓ ସେ କାହିଁକି ଏହାକୁ ହସ୍ତାନ୍ତର କରିନଥିଲେ ତା'ର ଖୋଳତାଡ଼ କରୁଥିବାବେଳେ ଖୁବଶୀଘ୍ର ଜଣେ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ନୋଟିସ୍ ପଠାଇ ସ୍ପଷ୍ଟୀକରଣ ମାଗିବ ବୋଲି ସୂଚନା ମିଳିଛି ।





କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସେଇଠୁ ଆରମ୍ଭ
SEITHO ARAMBHA


# ବାର୍ଦ୍ଧକ୍ୟଭତା, ସିଆର୍‌ପି-ଏମ୍ ବିକେଙ୍କ ମିଳୁନି ଦରମା
# ଧର୍ମଗଡ଼ ବିଜେଡି ତରଫରୁ ବିଡ଼ିଓଙ୍କ ଦ୍ୱାରସ୍ଥ



ଧର୍ମଗଡ଼, ୧୧/୦୬ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବିଜେଡି ସଭାପତି ଡାକେ ଲହଜଲଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ସମସ୍ୟା ନେଇ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ସୂଚନାମତେ ବ୍ଲକରେ ବିଧବା, ବିକଳାଙ୍ଗ, ବାର୍ଦ୍ଧକ୍ୟ ଭତା ଏବଂ କାର୍ଯ୍ୟରତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସିଆରପି (ସିଏମ) ଓ ଏମବିକେମାନଙ୍କ ଦୀର୍ଘ ୧୫ ମାସ ଧରି ଦରମା ନ ପାଇବା । ବକେୟା ଦରମା ଶୀଘ୍ର ପ୍ରଦାନ କରିବା ବା ପାଇଁ ଏବେ ଦାବି ଜୋର ଧରିଛି । ଗ୍ରାମାଂଚଳର ଗରିବ ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ପୂର୍ବ ସରକାରଙ୍କ ସମୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଥିଲା । ଏହି ଗୋଷ୍ଠୀ ଗୁଡ଼ିକର ତଦାରଖ, ଦୈନିକ ଜୀବିକାର ବିକାଶ, ସରକାରୀ ଋଣ ଯୋଗାଣ ଏବଂ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ମହିଳାମାନଙ୍କୁ ସାମିଲ କରିବା ପାଇଁପ୍ରତି ପଂଚାୟତରେ ଜଣେ ଜଣେ ଏମବିକେ ଓ ପ୍ରତି ସିଏଲଏଫରେ ଜଣେ ସିଆରପି ସିଏମଙ୍କୁ ନିଯୁକ୍ତି ଦିଆଯାଇଥିଲା । ପୂର୍ବରୁ ସେମାନଙ୍କୁ ମାସିକ ସ୍ଥିର ଦରମା ୬, ୨୦୦ ଟଙ୍କା ମିଳୁଥିବା ବେଳେ, ବର୍ତ୍ତମାନର ସରକାର ସ୍ଥିର ଦରମା ଉଠାଇ ତାହାକୁ ଇନସେଂଟିଭ ଆକାରରେ ଦେବାକୁ ନିଷ୍ପତି ନେଇଛନ୍ତି । ବିଗତ ୧୫ ମାସ ବିତିଯାଇଥିଲେ ମଧ୍ୟ ଧର୍ମଗଡ଼ ବ୍ଲକର ସିଆରପି-ସିଏମ ଓ ଏମବିକେ ମାନେ ସେମାନଙ୍କ ପ୍ରାପ୍ୟ ପାଇନାହାନ୍ତି । ଅପରପକ୍ଷରେ, ଧର୍ମଗଡ଼ର ପଡ଼ୋଶୀ ବ୍ଲକ ଯେପରି କି କୋକସରା, ଗୋଲାମୁଣ୍ଡା, କଳମପୁର ଓ ଜୟପାଟଣାର କର୍ମଚାରୀମାନେ ଗତ ୬ ମାସ ତଳେ ନିଜର ଦରମା ପାଇସାରିଛନ୍ତି । ଏଭଳି ସ୍ଥିତିରେ କେବଳ ଧର୍ମଗଡ଼ ବ୍ଲକରେ କାହିଁକି ଦରମା ଦିଆଯାଇ ନାହିଁ, ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ସମସ୍ୟାକୁ ନେଇ ଧର୍ମଗଡ଼ ବିଜେଡି ତରଫରୁ ଏକ ଲିଖିତ ଅଭିଯୋଗ କରିଛନ୍ତି । ଆଗାମୀ ୭ ଦିନ ଭିତରେ ଦରମା ଓ ଭତା ପ୍ରଦାନ ନ କଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ପାଇଁ ବିଜେଡି କର୍ମୀମାନେ ଚେତାବନୀ ଦେଇଛନ୍ତି । ଦାବି ପତ୍ର ପ୍ରଦାନ ସମୟରେ ବିଜେଡି ପୂର୍ବତନ ରାଜ୍ୟ ସମାଜ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା କଲ୍ୟାଣୀ ନାଏକ, ବ୍ଲକ ସଭାନେତ୍ରୀ ମମତାରାଣୀ ଗୋପାଳ, ଯୋନ-୧ ଜିଲ୍ଲା ପରିଷଦ ଗୋପୀନାଥ ମହାନନ୍ଦ, ଯୁବନେତା ସନ୍ତୋଷ ପାଢ଼ୀ, କ୍ଷେତ୍ର ମୋହନ ସତନାମୀ, ସୁନୀଲ ଭଇଁସାଲ, ଗୁଣ ଶବର ପ୍ରମୁଖ ସାମିଲ ହୋଇ ଥିଲେ ।

# ବିଜେପି ନେତା ହିମାଂଶୁଙ୍କ ଜନ୍ମଦିନରେ ବୃକ୍ଷରୋପଣ ଓ ରକ୍ତଦାନ ଶିବିର



ଟାଙ୍ଗୀଚୌଦ୍ୱାର, ୧୧/୦୬ (ଆ.ପ୍ର) : ବିଜେପି ନେତା ତଥା କଟକ ଜିଲ୍ଲା ଉପସଭାପତି ତଥା ଲୋକ ସେବା ଫାଉଣ୍ଡେସନର ଅଧ୍ୟକ୍ଷ ହିମାଂଶୁ ମହାନ୍ତିଙ୍କ ଜନ୍ମଦିନ ଅବସରରେ ନିଜ ବାସଭବନ ଠାରେ ଏକ ମେଗା ରକ୍ତଦାନ ଶିବିର ଏବଂ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୬୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ସେହିଭଳି ନିଜ ଅଂଚଳରେ ଅନେକ ମୂଲ୍ୟବାନ ଗଛ ପ୍ରତିରୋପଣ କରି ପରିବେଶକୁ ସୁନ୍ଦର ରଖିବା ସହ ଭବିଷ୍ୟତରେ ଗଛର ଆବଶ୍ୟକତା ଉପରେ ମଧ୍ୟ ସୁନ୍ଦର ବାର୍ତ୍ତା ଦେଇଥିବା ଜଣାଯାଇଛି । ରୋଗରେ ପୀଡିତ ଲୋକମାନଙ୍କୁ ମେଡ଼ିସିନ ବଂଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ଗ୍ରାମୀଣ ସଭାପତି ରାମ ନାରାୟଣ ମହାନ୍ତି, କଟକ ଜିଲ୍ଲା ଗ୍ରାମୀଣ ପ୍ରଭାରୀ କିଶୋର ଚନ୍ଦ୍ର ପଣ୍ଡା, ମନୋଜ ବିଶ୍ୱାଳ, ରିତେଶ ଦାସ, ଦେବାଶିଷ ମଲିକ, ଅନନ୍ତ ପାତ୍ର, ଆଶ୍ରିବାଦ କାନୁନଗୋ, ମୁରଲୀଧର ମଲିକ, ସୁକାନ୍ତ ବେହେରା, ଶଶୀକାନ୍ତ ମହାନ୍ତି, ଅମିତ ସାଇଁ, ଅଜୟ ସ୍ୱାଇଁ, ଅରୁଣ ଲେଙ୍କା, ରାଜୀବ ଦ୍ୱିବେଦୀ, ସନ୍ଧ୍ୟାରାଣୀ ଶତପଥୀ, ରେଣୁବାଳା ରାଉତ, ନିର୍ମଳା ସିଂହ, ଜାନକୀ କାଣ୍ଡି, ନିର୍ମଳା ବରାଳ, ବିନତୀ ପ୍ରଧାନ, ପାର୍ବତୀ କାଣ୍ଡି ପୁଷ୍ପାଞ୍ଜଳି ନାଥ, ରଶ୍ମିତା ବେହେରା, ଗୌରୀ ବେହେରା ଉପସ୍ଥିତ ଥିଲେ ।

# ଜିଲ୍ଲାରେ ୮, ୫୨, ୩୩୨ ବା ୯୯.୩୦ପ୍ରତିଶତ ମତଦାତାଙ୍କୁ ପରିଗଣନା ଫର୍ମ ବିତରଣ



ନବରଙ୍ଗପୁର, ୧୧/୦୬ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟରେ ବର୍ତ୍ତମାନ ସୁଦ୍ଧା ୮, ୫୨, ୩୩୨ ଜଣ ଭୋଟରଙ୍କୁ ପରିଗଣନା ଫର୍ମ ବିତରଣ କରାଯାଇଛି । ବିଏଲଓ ମାନେ ଘରକୁ ଘର ଯାଇ ୯୯.୩୦ ପ୍ରତିଶତ ଭୋଟରଙ୍କୁ ପରିଗଣନା ଫର୍ମ ପ୍ରଦାନ କରିଛନ୍ତି । ଆଜି ସୁଦ୍ଧା ଉମରକୋଟ ନିର୍ବାଚନ ମଣ୍ଡଳୀରେ ୯୮ପ୍ରତିଶତ, ଝରିଗାଁ ନିର୍ବାଚନ ମଣ୍ଡଳୀରେ ୯୯ ପ୍ରତିଶତ, ନବରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ୯୯ ପ୍ରତିଶତ ଏବଂ ଡାବୁ ଗାଁ ନିର୍ବାଚନ ମଣ୍ଡଳୀରେ ୯୯ ପ୍ରତିଶତ ପରିଗଣନା ଫର୍ମ ବିତରଣ କରାଯାଇଛି ବୋଲି ଜିଲ୍ଲା ନିର୍ବାଚନ କାର୍ଯ୍ୟଳୟରୁ ସୁଚନା ମିଳିଛି । ଜିଲ୍ଲାରେ ଆଜି ଠାରୁ ପରିଗଣନା ଫର୍ମ ଡିଜିଟାଇଜେସନ ଆରମ୍ଭ ହୋଇଛି । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରାଯାଉଛି । ଏହି ସଂଶୋଧନ ପ୍ରକ୍ରିୟାରେ ଫର୍ମ ବଂଟନ ଓ ଦାଖଲ ଶେଷ ତାରିଖ ୨୮.୬.୨୦୨୬ ପର୍ଯ୍ୟନ୍ତ ରହିଛି । ଯେଉଁ ଭୋଟର ମାନେ ଏପର୍ଯ୍ୟନ୍ତ ଫର୍ମ ଦାଖଲ କରି ନାହାନ୍ତି, ସେମାନଙ୍କୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସ୍ଥାନୀୟ ବିଏଲଓଙ୍କ ନିକଟରେ ଫର୍ମ ଦାଖଲ କରିବାକୁ କୁହାଯାଇଛି । ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଫର୍ମ ଦାଖଲ ନ କଲେ ଭୋଟର ତାଲିକାରୁ ନାମ ବାଦ ପଡ଼ିବାର ଆଶଙ୍କା ଥିବାରୁ ଏହାକୁ ଗୁରୁତର ସହ ନେବାକୁ ଭୋଟରଙ୍କୁ ପରାମର୍ଶ ଦିଆଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଡ଼ ମହେଶ୍ୱର ସ୍ୱାଇଁ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ନିର୍ଦ୍ଦିଷ୍ଟ ସମୟ ସୀମା ପୂର୍ବରୁ ଲକ୍ଷ୍ୟ ହାସଲ ନିକଟରେ ପହଂଚିଥିବାରୁ ଏହି କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ ନିର୍ବାଚନ ଅଧିକାରୀ, ସୁପର ଭାଇଜର, ବିଏଲଓ ମାନଂକ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି ।

# ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତାର ହାତ ବଢ଼ାଇଲେ



ବାସୁଦେବପୁର, ୧୧/୦୬ (ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଗୁଆଗଡ଼ିଆ ପଂଚାୟତର ନାୟକ ସାହିରେ ନିକଟରେ ଘଟିଥିବା ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପରିବାରମାନଙ୍କୁ ସାକ୍ଷାତ କରି ସହାୟତାର ହାତ ବଢ଼ାଇଛନ୍ତି ବାସୁଦେବପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ । ସେ ଅଗ୍ନିବିପନ୍ନ ପରିବାରଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ, ଜରିପାଲ ଏବଂ କିଛି ଆର୍ଥିକ ସହାୟତା ପ୍ରଦାନ କରିବା ସହ ସରକାରୀ ସହାୟତା ଯୋଗାଇଦେବା ପାଇଁ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ଯୋଗାଯୋଗ କରିଥିବା ଜଣାପଡ଼ିଛି । ଅଗ୍ନିକାଣ୍ଡରେ ଘର ଓ ଆସବାବପତ୍ର ହରାଇ ଦୁର୍ଦ୍ଦଶାରେ ଦିନ କାଟୁଥିବା ପରିବାରମାନଙ୍କ ପାଖରେ ପହଂଚି ସେମାନଙ୍କ ସମସ୍ୟା ବୁଝିଥିଲେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ । ପୀଡ଼ିତ ପରିବାରମାନଙ୍କୁ ତୁରନ୍ତ ସହାୟତା ଭାବେ ଶୁଖିଲା ଖାଦ୍ୟ, ଜରିପାଲ ଓ ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ । ଏହାସହ କ୍ଷତିଗ୍ରସ୍ତ ପରିବାରମାନେ ଯେପରି ସରକାରୀ ରିଲିଫ୍ ଓ ଅନ୍ୟାନ୍ୟ ସୁବିଧା ପାଇପାରିବେ ସେନେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ । ଏହି ସହାୟତା ପାଇ ପୀଡ଼ିତ ପରିବାରମାନେ କୃତଜ୍ଞତା ପ୍ରକାଶ କରିଥିଲେ ।

# ଦୁଇବର୍ଷ ହେବ ଭତା ଦରଖାସ୍ତ ମଂଜୁର ହେଉନି

ନିମାପଡା, ୧୧/୦୬ (ଆ.ପ୍ର) : ପୁରୀ ଜିଲ୍ଲା ନିମାପଡା ବ୍ଲକ ପକ୍ଷରୁ ସାମାଜିକ ସୁରକ୍ଷା ବଂଟନ ହୋଇ ନ ଥିବାରୁ ଜନ ଅସନ୍ତୋଷ ପ୍ରକାଶ ପାଇଛି । ଅନଲାଇନ ମାଧ୍ୟମରେ ୫ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିଶେଷ ଭତା ପାଇବା ଲାଗି ଦରଖାସ୍ତ କରିଥିଲେ ମଧ୍ୟ ତାହା ଅନୁମୋଦନ ପାଇଁ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପଡ଼ିଥିବା ସୂଚନା ମିଳିଛି । ମାସକ ମଧ୍ୟରେ ଭତା ମଂଜୁର କରା ଯିବାର ନିୟମ ଥିବାବେଳେ ଏଠାରେ ତାହା ପାଳନ କରାଯାଉନି । ଗତ ଦୁଇ ବର୍ଷ ହେଲା ନୂତନ ଭତା ମଂଜୁର ନ ହେବାରୁ ଅନେକ ଆଶାୟୀ ମୃତ୍ୟୁ ମଧ୍ୟ ହୋଇଗଲେଣି । କେତେକ ବ୍ୟକ୍ତିଙ୍କ ମୃତ୍ୟୁ ହେବା ପରେ ସେହି ସ୍ଥାନରେ କିଛି ବ୍ୟକ୍ତିଙ୍କୁ ଭତା ମିଳିଛି ବୋଲି ବ୍ଲକ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରକାଶ । କେତେକ ଅଯୋଗ୍ୟ ବ୍ୟକ୍ତି ଚାପ ପ୍ରୟୋଗ କରି ଭତା ହାତେଇଥିବା ବେଳେ ବହୁ ଯୋଗ୍ୟ ବ୍ୟକ୍ତି ଭତା ପାଇଁ ଅନାଇ ବସିଛନ୍ତି । ଯିଏ ବ୍ଲକରେ ଧରି ପାରିଲା ସେ ସବୁ ପାଇଲା ଏପରିକି ଘର, ଭତା, ରାସନ କାର୍ଡ, ଓ ଅନ୍ୟାନ୍ୟ ସୁଯୋଗ । ଆଉ ଅଳ୍ପ ଦିନ ପରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଲାଗି ବିଜ୍ଞପ୍ତି ଜାରି ହେବ । ଆଉ ଭତା ନିର୍ବାଚନ ପରେ ମିଳିବ ନା ଅନ୍ୟ କିଛି କାରଣ ନେଇ ଭତା ଦିଆ ଯାଉନି ତାହା ସାଧାରଣରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି ।

# ବିଶ୍ୱ ପରିବେଶ ଦିବସ ଅବସରରେ ବୃକ୍ଷରୋପଣ ଅଭିଯାନ



ବାସୁଦେବପୁର, ୧୧/୦୬ (ଆ.ପ୍ର) : ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବାସୁଦେବପୁର ପୌରପାଳିକା ପକ୍ଷରୁ ଚାଲିଥିବା ବୃକ୍ଷରୋପଣ ଅଭିଯାନ ଜାରିରହିଛି । ଆଜି ମଙ୍ଗଳବାର ଦିନ ପୌରପାଳିକାର ୮, ୯ ଓ ୧୨ ନମ୍ବର ୱାର୍ଡରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୌର ଅଧ୍ୟକ୍ଷା ନିବେଦିତା ବେହେରା ଏହି ଅଭିଯାନରେ ସାମିଲ ହୋଇ ପରିବେଶ ସୁରକ୍ଷା ପାଇଁ ଅଧିକରୁ ଅଧିକ ଗଛ ଲଗାଇବାକୁ ଆହ୍ୱାନ ଦେଇଥିଲେ । ବିଶ୍ୱ ପରିବେଶ ଦିବସକୁ ସ୍ମରଣୀୟ କରିବା ସହ ସବୁଜ ପରିବେଶ ଗଠନ ଲକ୍ଷ୍ୟରେ ବାସୁଦେବପୁର ପୌରପାଳିକା ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଜୋରଦାର ଭାବେ ଚାଲିଛି । ଆଜି ୮ ନମ୍ବର ୱାର୍ଡସ୍ଥିତ ଶନିଦେବ ମନ୍ଦିର ପରିସର ସମେତ ୯ ଓ ୧୨ ନମ୍ବର ୱାର୍ଡର ବିଭିନ୍ନ ସ୍ଥାନରେ ଚାରା ରୋପଣ କରାଯାଇଥିଲା । ପୌର ଅଧ୍ୟକ୍ଷା ନିବେଦିତା ବେହେରା ନିଜେ ଚାରା ରୋପଣ କରି ପରିବେଶ ସୁରକ୍ଷାରେ ଜନସାଧାରଣଙ୍କ ସହଭାଗିତା ଆବଶ୍ୟକ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ବାସୁଦେବ ପୁର ପୌରପାଳିକା ଅଧ୍ୟକ୍ଷା ନିବେଦିତା ବେହେରା, ଉପାଧ୍ୟକ୍ଷ ଉତମ ବାରିକ, କାଉନସିଲର ଆରତୀ ବିଶ୍ୱାଳ, ଜୟନ୍ତୀ ସାହୁଙ୍କ ସମେତ ପୌରପାଳିକାର କର୍ମଚାରୀ ଏବଂ ବହୁ ସଂଖ୍ୟକ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ରହିଥିଲେ । ସେହିପରି, ସୂର୍ଯ୍ୟକାନ୍ତ ମଲ୍ଲିକ, ମାନସ ସାହୁ ବାସୁଦେବପୁର ପୌରପାଳିକାର କର୍ମଚାରୀ, ବିଶ୍ୱ ରଞ୍ଜନ ଜେନା, ସବିର ଖାନ୍, ଜୀବନ ମଲ୍ଲିକ ଦୀପକ, ଆଶିଷ ମିଶ୍ର, ସୀତାକାନ୍ତ ମଲ୍ଲିକ, ଜଗବନ୍ଧୁ ମଲ୍ଲିକ ଓ ଶଶୀଧର ମଲ୍ଲିକ ପ୍ରମୁଖ ସକ୍ରିୟ ଭାବେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ପରିବେଶ ସନ୍ତୁଳନ ରକ୍ଷା ଏବଂ ଆଗାମୀ ପିଢ଼ି ପାଇଁ ସବୁଜ ପୃଥିବୀ ଗଢ଼ିବା ଉଦ୍ଦେଶ୍ୟରେ ଏଭଳି ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ପୌରପାଳିକା ପକ୍ଷରୁ ସୂଚନା ଦିଆଯାଇଛି ।

# ସଙ୍ଗୀତରେ ମନେ ରହିବେ ଷ୍ଟିଫେନ



ପାରଳାଖେମୁଣ୍ଡି, ୧୧/୦୬ (ଆ.ପ୍ର) : ପାରଳାଖେମୁଣ୍ଡି କରଣସାହି ସ୍ଥିତ ବିଜୟ କ୍ଲବ୍ ପରିସରରେ ଅଗ୍ରଣୀ ସଙ୍ଗୀତ ଅନୁଷ୍ଠାନ ଭକ୍ତି ନୈବେଦ୍ୟ ପକ୍ଷରୁ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଗଜପତି ଜିଲ୍ଲା ଗୁମ୍ମା ଅଂଚଳର ଯୁବ କଳାକାର ଷ୍ଟିଫେନ ରଇତଙ୍କ ଅକାଳ ବିୟୋଗରେ ଅନୁଷ୍ଠାନ ପକ୍ଷରୁ ନୀରବ ପ୍ରାର୍ଥନା ସହ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା । ଷ୍ଟିଫେନ ଜଣେ ଆଦିବାସୀ ଅଧ୍ୟୁଷିତ ଅଂଚଳରୁ ଆସି ପାରଳା ସହରରେ ସଂଗୀତ ରେକଡ଼ିଂ ଷ୍ଟୁଡ଼ିଓ ପ୍ରତିଷ୍ଠା କରି ଅନେକ ଅନୁଷ୍ଠାନ ସହିତ ସୁସଂପର୍କ ସ୍ଥାପନ କରିଥିଲେ । ସେହିପରି ଗୁରୁ ରଘୁନାଥ ପାତ୍ର ଓ ଷ୍ଟିଫେନଙ୍କ ନିବିଡ ଗୁରୁ ଶିଷ୍ୟ ସମ୍ପର୍କ ରହିଥିଲା । ଷ୍ଟିଫେନ ଗୁରୁ ରଘୁନାଥ ପାତ୍ରଙ୍କ ସହ ତତ୍କାଳିନ ଏସପି ସାରା ଶର୍ମାଙ୍କ ସି ଟିମ ସଙ୍ଗୀତରେ କାର୍ଯ୍ୟ କରି ସାରା ଓଡ଼ିଶାରେ ଚର୍ଚ୍ଚିତ ହୋଇଥିଲା । ସେହିପରି ସବୁ ବିଖ୍ୟାତ ପରିଚିତ ହିନ୍ଦୀ ଓ ଓଡିଆ ଚଳଚିତ୍ର ସଙ୍ଗୀତକୁ ସ୍ଥାନୀୟ ଆଦିବାସୀ ଭାଷାରେ ନିଜ ଶୈଳୀରେ ଗାନ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ଅନେକ ଆଦିବାସୀ ଗୀତ ନିଜେ ସୃଷ୍ଟି କରିଥିଲେ । ସେଥି ମଧ୍ୟରୁ କୁସୁମାଇ ଲାଙ୍ଗି ଆଜି ମଧ୍ୟ ଘରେ ଘରେ ପରିଚିତ । ସେହିପରି ଗୁରୁ ରଘୁନାଥ ପାତ୍ରଙ୍କ ଦେଖ ଜିଲ୍ଲା ଗଜପତି, ଯାବା ଯାବା ଫୁଟବଲ୍ ଗୀତ ଓ ଅନେକ ସଙ୍ଗୀତ ରେକଡଙ୍ଗି କରିଥିଲେ । ସେଥିପାଇଁ ଷ୍ଟିଫେନ କୁସୁମାଇ ଲାଙ୍ଗି ଓ ସି ଟିମ ସଙ୍ଗୀତ ପାଇଁ ସେ ଚୀର ସ୍ମରଣୀୟ ହୋଇ ରହିବେ ବୋଲି ମତ ପ୍ରକାଶ କରିଥିଲେ । ଅନୁଷ୍ଠାନ ସଭାପତି ନୃସିଂହ ଚରଣ ପଟ୍ଟନାୟକ ସଭାପତିତ୍ୱରେ ଆୟୋଜିତ ସ୍ମୃତିଚାରଣ ବୈଠକରେ ସମ୍ପାଦକ ଗୁରୁ ରଘୁନାଥ ପାତ୍ର, ଯୁଗ୍ମ ସଂପାଦକ ଆଦର୍ଶ ଦାସ, କୋଷାଧ୍ୟକ୍ଷ ହରିହର ପଟ୍ଟନାୟକ, ସଦସ୍ୟ ରଶ୍ମି ରଞ୍ଜନ ସାହୁ, ଡି. ମୋହନ ରାଓ, ଜଗନ୍ନାଥ ପଟ୍ଟନାୟକ, ରାଜା ପାତ୍ର, ବାଳକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଅମର ଆତ୍ମାର ସଦଗତି କାମନା କରିଥିଲେ ।

# ନୂଆପଡ଼ାରେ ସ୍ୱତନ୍ତ୍ର ସଂଘନ ସଂଶୋଧନ-୨୦୨୬ ସମୀକ୍ଷା ବୈଠକ



ନୂଆପଡ଼ା, ୧୧/୦୬ (ଆ.ପ୍ର) : ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଚାଲିଥିବା ସ୍ୱତନ୍ତ୍ର ସଂଘନ ସଂଶୋଧନ - ୨୦୨୬ କାର୍ଯ୍ୟକ୍ରମ ଅଧୀନରେ ଭୋଟର ତାଲିକାର ସଂଶୋଧନ ଓ ପରିଗଣନା ଏନ୍ୟୁମେରେସନ୍ ଫର୍ମ ଡିଜିଟାଇଜେସନ୍ କାର୍ଯ୍ୟର ଅଗ୍ରଗତି ନେଇ ଆଜି ନୂଆପଡ଼ା ବ୍ଲକ୍ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଉପ-ଜିଲ୍ଲାପାଳ ତଥା ଭୋଟର ପଞ୍ଜିକରଣ ଅଧିକାରୀ ଇଆରଓ ସୁର୍ମି ସୋରେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସ୍ୱତନ୍ତ୍ର ସଂଘନ ସଂଶୋଧନ କାର୍ଯ୍ୟରେ ନିୟୋଜିତ ବୁଥ୍ ସ୍ତରୀୟ ଅଧିକାରୀ ବିଏଲ୍ଓମାନଙ୍କ ଦ୍ୱାରା ଏନ୍ୟୁମେରେସନ୍ ଫର୍ମ ବିତରଣ, ସଂଗ୍ରହ ଏବଂ ଡିଜିଟାଇଜେସନ୍ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଥିଲା । ଏହି ଅବସରରେ ୭୧- ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଟାନୱାଟ-୨ ଅଂଚଳର ବୁଥ୍ ନଂ-୧୮୮ର ବିଏଲ୍ଓ ହୀରାଲାଲ ପଟେଲଙ୍କୁ ତାଙ୍କର କାର୍ଯ୍ୟଦକ୍ଷତା ପାଇଁ ପ୍ରଶଂସା ପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ହୀରାଲାଲ ପଟେଲ ନିଜ ଅଧୀନସ୍ଥ ବୁଥ୍‌ର ସମସ୍ତ ଏନ୍ୟୁମେରେସନ୍ ଫର୍ମର ଶତପ୍ରତିଶତ ବିତରଣ ଓ ସଂଗ୍ରହ ସହିତ ୧୦୦ ପ୍ରତିଶତ ଡିଜିଟାଇଜେସନ୍ କାର୍ଯ୍ୟକୁ ନିର୍ଭୁଲ ଭାବେ ସମ୍ପନ୍ନ କରିଥିବା ବେଳେ, ଏହି ସମଗ୍ର ପ୍ରକ୍ରିୟାକୁ ମାତ୍ର ୧୦ ଦିନ ମଧ୍ୟରେ ଶେଷ କରି ଜିଲ୍ଲାର ପ୍ରଥମ ବିଏଲ୍ଓ ଭାବେ ଉଦାହରଣ ସୃଷ୍ଟି କରିଛନ୍ତି । ତାଙ୍କର ଏହି ସଫଳତା କେବଳ କାର୍ଯ୍ୟଦକ୍ଷତାର ପରିଚାୟକ ନୁହେଁ, ବରଂ ଜନସେବା ପ୍ରତି ନିଷ୍ଠା, ଦାୟିତ୍ୱବୋଧ ଓ କର୍ତ୍ତବ୍ୟନିଷ୍ଠାର ଏକ ଉତ୍କୃଷ୍ଟ ଦୃଷ୍ଟାନ୍ତ ବୋଲି ମତ ପ୍ରକାଶ ପାଇଥିଲା । ଉପ-ଜିଲ୍ଲାପାଳ କହିଥିଲେ ଯେ, ଭୋଟର ତାଲିକାର ଶୁଦ୍ଧତା ଓ ନିର୍ଭୁଲତା ଗଣତନ୍ତ୍ରର ମୂଳ ଆଧାର । ଏହି ଲକ୍ଷ୍ୟ ପୂରଣରେ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ହୀରାଲାଲ ପଟେଲଙ୍କ ପରି ନିଷ୍ଠାପର ଅଧିକାରୀଙ୍କ ସଫଳତା ଅନ୍ୟ ବିଏଲ୍ଓମାନଙ୍କୁ ପ୍ରେରଣା ଯୋଗାଇବା ସହ ସ୍ୱତନ୍ତ୍ର ସଂଘନ ସଂଶୋଧନ -୨୦୨୬ର ସଫଳ ରୂପାୟନରେ ସହାୟକ ହେବ । ବୈଠକରେ ଡେପୁଟି ଜିଲ୍ଲାପାଳ ନିର୍ବାଚନ ଶେଖ ନସୀମ, ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏଇଆରଓ ତଥା ନୂଆପଡ଼ା ବିଡିଓ ରୋହିତ ଭୋଇ, ସୁପରଭାଇଜର, ବିଏଲ୍ଓ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଦେଶି ରନ୍ଧା ମଦ ବନ୍ଦ କରିବାକୁ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ



ଚନ୍ଦାହାଣ୍ଡି, ୧୧/୦୬ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ପାଟଖଲିଆ ଗ୍ରାମ ପଂଚାୟତ ଅଧିନସ୍ତ ମଣିପଦର ଓ କୁକୁରାକୋଟ ଗ୍ରାମରେ ବ୍ୟାପକ ଭାବେ ଦେଶି ମହୁଲି ମଦ ରନ୍ଧା ଯାଉଛି ଓ ବିକ୍ରି କରାଯାଇଛି । ତାହା ସହିତ ଏମଏସ ଓ ଖଜୁରୀ ରସ ମଧ୍ୟ ବିକ୍ରି ହେଉଛି । ଏହି ତିନି ପ୍ରକାର ନିଶା ଦ୍ରବ୍ୟ ବିକ୍ରି ହେବାଦ୍ୱାରା ଗ୍ରାମର ସମସ୍ତ ବୁଢ଼ା ବୁଢୀ ସହିତ ଛୋଟ ପିଲାମାନେ ମଧ୍ୟ ଏହାକୁ ସେବନ କରି ଗାଁରେ ଅଯଥାରେ ଗଣ୍ଡଗୋଳ କରିବାର ସହିତ ନିଜ ନିଜ ପରିବାରରେ ସ୍ତ୍ରୀ ପିଲାଛୁଆକୁ ମାରପିଟ କରୁଛନ୍ତି ଓ ପଇସା ପତ୍ର ନଥିଲେ ଖାଇବା ଚାଉଳକୁ ନେଇ ବିକ୍ରିକରି ମଦ ପିଉଛନ୍ତି, ଏଥି ପାଇଁ ପରିବାର ଲୋକେ ଭୋକ ଉପାସରେ ରହିବାକୁ ପଡୁଛି ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି । ତୁରନ୍ତ ମହୁଲି ମଦ, ଏମ ଏସ ଓ ଖଜୁରୀ ରସ ବିକ୍ରିକୁ ବନ୍ଦ କରିବାକୁ ଆଜି ମଣିପୁର ଓ କୁକୁରାକୋଟ ଏହି ଦୁଇ ଗ୍ରାମର ଶତାଧିକ ମହିଳାମାନେ ଏକାଠି ହୋଇ ଚନ୍ଦାହାଣ୍ଡି ଥାନାକୁ ଯାଇ ଥାନା ଅଧିକାରୀ ବିମଲ କୁମାର ଲାକ୍ରାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବି ପତ୍ର ଦେବା ସମୟରେ ହର ପୂଜାରୀ, ଘନ ସୋରି, କରୁଣା ମାଝୀ, କରୁଣା ପୋର୍ଟି, ଉର୍ବଶୀ ମାଝୀ, ଇନ୍ଦ୍ରା ସୋରି, ଅଁଳା ବଗର୍ତି, ଲୋବନି ସୋରି, ନିର ନେତାମ, ଦୂର ନେତାମ, ବାସ ମାଝୀ, ଗମତି ଝାଙ୍କର, ସୁମିତ୍ରା ସୋରି, ଝଜନେ ଝାଙ୍କର, ମୁଁଙ୍ଗେ ଝାଙ୍କର ଚନ୍ଦରେ ଭତ୍ରା, ମୁଁଙ୍ଗେ ଭତ୍ରା, ଲକ୍ଷ୍ମୀ ସୋରି, ଧନସେ ଭତ୍ରା ସହିତ ଗ୍ରାମର ସମସ୍ତ ମହିଳା ସହଯୋଗ କରିଥିଲେ ।

# ୨୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ଭଦ୍ରକ ନେହେରୁ ଷ୍ଟାଡ଼ିୟମ୍‌ର ଉନ୍ନତିକରଣ ପ୍ରକଳ୍ପର ଶିଳାନ୍ୟାସ




ଭଦ୍ରକ, ୧୧/୦୬ (ଆ.ପ୍ର) : ଭଦ୍ରକ ସହରର ପ୍ରମୁଖ କ୍ରୀଡ଼ା କେନ୍ଦ୍ର ନେହେରୁ ଷ୍ଟାଡିୟମ୍‌ର ବହୁ ପ୍ରତୀକ୍ଷିତ ଉନ୍ନତିକରଣ ଓ ବିକାଶ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଆଜି ଆଡ଼ମ୍ବରପୂର୍ଣ୍ଣ ଓ ଉତ୍ସାହପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ପ୍ରାୟ ୨୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ଷ୍ଟାଡିୟମ୍‌ର ସମଗ୍ର ଉନ୍ନତିକରଣ କରାଯିବାକୁ ଥିବାବେଳେ ଏହାକୁ ଜିଲ୍ଲାର କ୍ରୀଡ଼ା ଭିତିଭୂମି ବିକାଶ କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ ବୋଲି କୁହାଯାଇଛି । ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମାନ୍ୟବର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଏହି ଅବସରରେ ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର, ଭଦ୍ରକ ଲୋକସଭା ସାଂସଦ ଅଭିମନ୍ୟୁ ସେଠୀ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର ଓ ଏଚଏସସିଏଲ୍‌ର ବରିଷ୍ଠ ଯନ୍ତ୍ରୀ ଯତୀନ୍ଦ୍ର ବେହେରାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ, କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ । ମାନ୍ୟବର ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଆଧୁନିକ ଖେଳ ସୁବିଧା, ଉନ୍ନତ ଭିତିଭୂମି ଓ ଖେଳାଳିମାନଙ୍କ ପାଇଁ ସମସ୍ତ ଆବଶ୍ୟକୀୟ ସୁବିଧା ସହ ନେହେରୁ ଷ୍ଟାଡିୟମ୍‌କୁ ଏକ ଆଦର୍ଶ କ୍ରୀଡ଼ା କେନ୍ଦ୍ରରେ ପରିଣତ କରାଯିବ । ରାଜ୍ୟ ସରକାର କ୍ରୀଡ଼ା କ୍ଷେତ୍ରର ବିକାଶକୁ ସର୍ବାଧିକ ପ୍ରାଥମିକତା ଦେଉଥିବାବେଳେ ଭଦ୍ରକ ସମେତ ପ୍ରତ୍ୟେକ ଜିଲ୍ଲା ଓ ବ୍ଲକ୍‌ରେ କ୍ରୀଡ଼ା ଭିତିଭୂମି ସୁଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ । ଲୋକସଭା ସାଂସଦ ଅଭିମନ୍ୟୁ ସେଠୀ ଜିଲ୍ଲାର କ୍ରୀଡ଼ା କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଓ ସମନ୍ୱୟର ଆହ୍ୱାନ ଜଣାଇଥିଲେ । ଭଦ୍ରକ ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର ଏହି ପ୍ରକଳ୍ପକୁ ଭଦ୍ରକର କ୍ରୀଡ଼ା ଇତିହାସରେ ଏକ ମାଇଲଖୁଂଟ ବୋଲି ଅଭିହିତ କରିଥିଲେ । ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଜିଲ୍ଲାର ଯୁବ ଖେଳାଳିମାନେ ଉନ୍ନତ ପ୍ରଶିକ୍ଷଣ ଓ ପ୍ରତିଯୋଗିତା ସୁବିଧା ପାଇବା ସହ ଭଦ୍ରକ ଏକ ପ୍ରମୁଖ କ୍ରୀଡ଼ା କେନ୍ଦ୍ର ଭାବେ ପରିଚିତ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର ପ୍ରସ୍ତାବିତ ଉନ୍ନତିକରଣ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ ପ୍ରକଳ୍ପ ମାଧ୍ୟମରେ ଷ୍ଟାଡିୟମ୍‌ରେ ଆଧୁନିକ କ୍ରୀଡ଼ା ଭିତିଭୂମି ସୃଷ୍ଟି, ଖେଳ ପଡ଼ିଆର ଉନ୍ନତି ଏବଂ ଖେଳାଳିମାନଙ୍କ ପାଇଁ ଉନ୍ନତ ପ୍ରଶିକ୍ଷଣ ସୁବିଧା ଯୋଗାଇ ଦିଆଯିବ । ଏହା ଜିଲ୍ଲାରେ କ୍ରୀଡ଼ା ପ୍ରତିଭାର ବିକାଶ ଓ ରାଜ୍ୟ ତଥା ଜାତୀୟ ସ୍ତରୀୟ ପ୍ରତିଯୋଗିତା ଆୟୋଜନର ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଥିଲେ । ଆରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିବାବେଳେ, ଏଚଏସସିଏଲ୍‌ର ବରିଷ୍ଠ ଯନ୍ତ୍ରୀ ଯତୀନ୍ଦ୍ର ବେହେରା ପ୍ରକଳ୍ପର ବୈଷୟିକ ଦିଗ ଓ ଉନ୍ନତିକରଣ ଯୋଜନା ଉପସ୍ଥାପନ କରିଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ ଧନ୍ୟବାଦ ଅର୍ପଣ କରିଥିଲେ । କାଦମ୍ବରୀ କର ଶର୍ମା ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ନେହେରୁ ଷ୍ଟାଡିୟମ୍‌ର ଏହି ଉନ୍ନତିକରଣ ପ୍ରକଳ୍ପ ଭଦ୍ରକ ଜିଲ୍ଲାର କ୍ରୀଡ଼ା କ୍ଷେତ୍ରକୁ ନୂତନ ଗତି ପ୍ରଦାନ କରିବା ସହ ଯୁବ ଖେଳାଳିମାନଙ୍କ ପାଇଁ ଉନ୍ନତ ପ୍ରଶିକ୍ଷଣ ଓ ପ୍ରତିଯୋଗିତାର ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ଉପସ୍ଥିତ କ୍ରୀଡ଼ାପ୍ରେମୀମାନେ ମତ ପ୍ରକାଶ କରିଥିଲେ ।

ସେଇଠୁ ଆରମ୍ଭ
SEITHO ARAMBHA



**ଦ.ପୂ ରେଳବାଇ-ଟେଣ୍ଡର**

**ଟେଣ୍ଡର ନୋଟିସ୍ ନମ୍ବର ୧୧୪-ଇଏଲସି-ଜି-କେଜିପି- ୨୬-୨୭-୦୮** । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ବରିଷ୍ଠ ବିଭାଗୀୟ ବୈଦ୍ୟୁତିକ ଇଞ୍ଜିନିୟର (ଜି), ଏସ୍. ଇ. ରେଳବାଇ, ଖଡ଼ଗପୁର-୭୨୧୩୦୧, ନିର୍ଦ୍ଦିଷ୍ଟ ଜିନିଷପତ୍ର ପାଇଁ ଉଲ୍ଲେଖିତ ତାରିଖରେ ୧୨:୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି । **କାର୍ଯ୍ୟର ବର୍ଣ୍ଣନା:** ସିନିୟର ଡିଇଇ(ଜି)/ଖଡ଼ଗପୁର ଅଧୀନରେ ୩ ବର୍ଷ ପାଇଁ ଖଡ଼ଗପୁର ଡିଭିଜନର ବିଭିନ୍ନ ସ୍ଥାନରେ ସ୍ଥାପିତ ୨.୪ କେଭିଏରୁ ୨୫୦ କେଭିଏ କ୍ଷମତା ବିଶିଷ୍ଟ ଷ୍ଟାଣ୍ଡବାଏ ଡିଜି ସେଟ୍ ପାଇଁ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତିନାମା । **ଟେଣ୍ଡର ମୂଲ୍ୟ :** ଟ. ୩୨,୬୭,୧୯୪/- । **ବିଡ୍ ସିକ୍ୟୁରିଟି/ଇ.ଏମ୍.ଡି.:** ଟ. ୬୫,୪୦୦/- । **ଖୋଲିବାର ତାରିଖ :** ୨୪.୦୬.୨୦୨୬ । **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ :** କୌଣସି ନୁହେଁ । **ସମାପ୍ତି ଅବଧି :** ଗ୍ରହଣ ପତ୍ର ପ୍ରଦାନ ତାରିଖରୁ ୩୬ ମାସ । **ଦାଖଲ ତାରିଖ :** ୨୪.୦୬.୨୦୨୬ ଦିନ ୧୨:୦୦ ଘଣ୍ଟା ପର୍ଯ୍ୟନ୍ତ । ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା ଏବଂ ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ଟିପ୍ପଣୀ:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡ୍‌ଦାତାମାନେ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ ।

**(PR-310)**

# ମଦକୁ ସମ୍ପୂର୍ଣ୍ଣ ନିଷିଦ୍ଧ ଦାବିରେ ଏ ଆଇ ଏମଏସଏସର ବିକ୍ଷୋଭ ଓ ଦାବିପତ୍ର

ଭୋଗରାଇ, ୧୧/୦୬ (ଆ.ପ୍ର) : ମହିଳା ସଂଗଠନ ଏ ଆଇ ଏମ ଏସ ଏସ ରାଜ୍ୟ କମିଟି ଆହ୍ୱାନରେ ଆଜି ସାରା ରାଜ୍ୟରେ ମଦ ବିରୁଦ୍ଧରେ ପ୍ରତିବାଦ ଦିବସ ପାଳିତ ହୋଇଥିବା ବେଳେ ଭୋଗରାଇ ଲୋକାଲ କମିଟି ପକ୍ଷରୁ ତରଫରୁ ଭୋଗରାଇ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଏ ଆଇ ଏମ ଏସ ଏସ ଭୋଗରାଇ ଆଂଚଳିକ କମିଟିର ସଭାପତି ସରୋଜିନୀ ମହାନ୍ତି, ସମ୍ପାଦିକା ପିଙ୍କି ମଲ୍ଲିକ, ଶାନ୍ତିଲତା ସାହୁ, କ୍ରିଷ୍ଣାରାଣୀ ସାହୁ, ସସ୍ମିତା ମହାନ୍ତି, ଅର୍ଚ୍ଚନା ବାରିକ, ଲକ୍ଷ୍ମୀ ସିଂ, ମଲ୍ଲିକ ସିଂ, ବିଳାସୀ ସିଂ, ମମି କୁଆଁର ପ୍ରମୁଖ ଉପସ୍ଥିତ ହୋଇ ବିଜେପି ସରକାର ରାଜ୍ୟକୁ ସମ୍ପୂର୍ଣ୍ଣ ମଦ ମୁକ୍ତ କରିବାକୁ ଘୋଷଣା କରିଥିଲେ ବି ମଦ ଦୋକାନ ଖୋଲିବାକୁ ଲାଇସେନ୍ସ ଦେଇ ରାଜ୍ୟର ସାମାଜିକ ସାଂସ୍କୃତିକ ମୂଲ୍ୟବୋଧକୁ ଚରମ ଦୁର୍ଦ୍ଦଶା ମଧ୍ୟକୁ ଜାଣିଶୁଣି ଠେଲି ଦେଉଛନ୍ତି । ମଦ ମାଦକ ଦ୍ରବ୍ୟର ପ୍ରସାର ଫଳରେ ସମସ୍ତ ପ୍ରକାର ଚୋରି, ଡକାୟତି, ବଳାତ୍କାର, ଧର୍ଷଣ ହତ୍ୟା ଭଳି ଜଘନ୍ୟ ଅସାମାଜିକ କାର୍ଯ୍ୟ କଳାପ ଘଟୁଥିବା କଥା ସରକାର ଜାଣିକି ବି ମଦର ଲାଇସେନ୍ସ ପ୍ରଦାନ କରୁଛନ୍ତି । ରାଜସ୍ୱ ଆଦାୟ ନାମରେ ସମାଜରେ ଯୁବସମାଜର ନୀତିନୈତିକତା, ମୂଲ୍ୟବୋଧ, ସାଂସ୍କୃତିକ ମାନ ଧ୍ୱଂସ କରି ଶାସକ ଶ୍ରେଣୀ ସ୍ୱାର୍ଥରେ ମଦକୁ ପ୍ରଶୟ ଦେଉଛନ୍ତି ବୋଲି ଅଭିଯୋଗ କରିଥିଲେ । ମଦକୁ ସମ୍ପୂର୍ଣ୍ଣ ବନ୍ଦ କରିବା, ନୂତନ ମଦ ଦୋକାନ ଓ ମଦ ଡିପୋ ଖୋଲିବା ଓ ଲାଇସେନ୍ସ ଦେବା ବନ୍ଦ କରିବା, ମହିଳାମାନଙ୍କ ନାମରେ ମଦ ଦୋକାନ ଲାଇସେନ୍ସ ଦେବା ବନ୍ଦ କରିବା, ରାଜ୍ୟରେ ଭୁଶୁଡି ପଡିଥିବା ଆଇନ ଶୃଙ୍ଖଳା ସୁଧାର ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ସଂଗଠନ ତରଫରୁ ଦାବୀ କରାଯାଇଥିଲା । ଶେଷରେ ଏକ ପ୍ରତିନିଧି ଦଳ ବିଡ଼ିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ ।

# ପୁରୀ ପୋଲିସ ପକ୍ଷରୁ ପ୍ରତିଷେଧମୂଳକ ଅଭିଯାନ

ପୁରୀ, ୧୧/୦୬ (ଆ.ପ୍ର) : ପୁରୀ ଜିଲ୍ଲାରେ ଆଇନ-ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ ରଖିବା, ଅଭ୍ୟାସଗତ ଅପରାଧୀଙ୍କ ଉପରେ କଡ଼ା ନଜର ରଖିବା ଏବଂ ଜନଶାନ୍ତି ଭଙ୍ଗ ହେବାର ଆଶଙ୍କାକୁ ରୋକିବା ପାଇଁ ପୁରୀ ପୋଲିସ ପକ୍ଷରୁ ପ୍ରତିଷେଧମୂଳକ ଅଭିଯାନ ଜାରି ରହିଛି । ଏହି କ୍ରମରେ, ଗୁରୁବାର ଦିନ ଧାରା ୧୨୯ BNSS ଅନୁଯାୟୀ ଭବିଷ୍ୟତରେ ଅପରାଧମୂଳକ କାର୍ଯ୍ୟକଳାପରେ ସମ୍ପୃକ୍ତ ନ ହେବା ଏବଂ ଜନଶାନ୍ତି ବଜାୟ ରଖିବା ଉଦ୍ଦେଶ୍ୟରେ ୭ ଜଣ ଅଭ୍ୟାସଗତ ଅପରାଧୀଙ୍କୁ ଜିଲ୍ଲା ଦଣ୍ଡାଧିକାରୀଙ୍କ ସମ୍ମୁଖରେ ହାଜର କରାଯାଇ ପ୍ରତ୍ୟେକଙ୍କ ଠାରୁ ୫୦,୦୦୦ ଟଙ୍କାର ବଣ୍ଡ ଗ୍ରହଣ ପାଇଁ ପଦକ୍ଷେପ ନିଆଯାଇଛି । ଧାରା ୧୨୯ BNSS ଅନୁଯାୟୀ କାର୍ଯ୍ୟାନୁଷ୍ଠାନଭୁକ୍ତ ବ୍ୟକ୍ତିମାନେ ହେଲେ – ମଧୁସୂଦନ ସ୍ୱାଇଁ ଅ ରାଜା, ପିତା – ସଞ୍ଜୟ କୁମାର ସ୍ୱାଇଁ, ସିଦ୍ଧବକୁଳ ଲେନ, ବାସେଳୀସାହି ଥାନା, ପୁରୀ । ଚିକୁନା ବେହେରା, ପିତା – ମଗିନା ବେହେରା, ଗୋଖାସାହି, ବାସେଳୀସାହି ଥାନା, ପୁରୀ । କୁଶ ବରାଳ, ପିତା – ସ୍ୱର୍ଗତ ମଙ୍ଗୁଳି ବରାଳ, କଳ୍ପୁର, ସଦର ଥାନା, ପୁରୀ । ରୁଷିଆ ଅ ରତିକାନ୍ତ ପରିଡ଼ା, ପିତା – ଗଦାଧର ପରିଡ଼ା, ରେଣ୍ଟଗଡ଼, ସଦର ଥାନା, ପୁରୀ । ଲୋକନାଥ ପ୍ରଧାନ ଅ ବାବୁନା, ପିତା – ସୁଦାମ ପ୍ରଧାନ, ବାଲିସାହି, ଟାଉନ ଥାନା, ପୁରୀ । ପଂଚୁ ଅ ପଂଚାନନ ବେହେରା, ପିତା – ସୋଳିଆ ବେହେରା, ଜଗନ୍ନାଥ ବସ୍ତି, ବାସେଳୀସାହି ଥାନା, ପୁରୀ । ବାସୁଦେବ ମହାପାତ୍ର ଅ ମୁନା, ପିତା – ନବକିଶୋର ମହାପାତ୍ର, ମଙ୍ଗଳାଘାଟ, ବାସେଳୀସାହି ଥାନା, ପୁରୀ । ପୁରୀ ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଉଛି ଯେ, ଆଇନ-ଶୃଙ୍ଖଳା ରକ୍ଷା, ଅପରାଧ ନିୟନ୍ତ୍ରଣ ଏବଂ ସାଧାରଣ ଜନତାଙ୍କ ସୁରକ୍ଷା ପାଇଁ ଏଭଳି ପ୍ରତିଷେଧମୂଳକ ଅଭିଯାନ ଆଗାମୀ ଦିନରେ ମଧ ଜାରି ରହିବ ବୋଲି ପୁରୀ ପୋଲିସ ତରଫରୁ ସୂଚନା ପ୍ରଦାନ କରାଯାଇଛି ।

**AFFIDAVIT**

By virtue of an affidavit sworn before the Executive magistrate Raikia, Dated- 11.06.2026, I Gokula Pradhan, S/O- Bega Pradhan of Village- Karubali, Po- Petapanga, P.S- Raikia, Dist- Kandhamal, State - Odisha, pin, 762112 changed my name from Gokul Pradhan to Gokula Pradhan. Henceforth I will be known as Gokula Pradhan for all purposes.

**s/d- Gokula Pradhan**

# ଲୋକାର୍ପିତ ହେଲା 'ଅଜୟ ଅନ୍ୱେଷା' ଏବଂ 'କବିତାର ମହାଭାଷ' ପୁସ୍ତକ



ବାଲେଶ୍ୱର, ୧୧/୦୬ (ଆ.ପ୍ର) : ପୁରୀ ସ୍ଥିତ ୟୁଥ୍ ହଷ୍ଟେଲ ସଭାକକ୍ଷରେ ବରିଷ୍ଠ ଲେଖକ ଅଜୟ ପ୍ରଧାନଙ୍କ ରଚିତ ଆଲୋଚନା ପୁସ୍ତକ 'କବିତାର ମହାଭାଷ: ଅସ୍ମିତାର ଇତିହାସ' ଏବଂ ଡକ୍ଟର ବେଣୁଧର ପାଢ଼ୀଙ୍କ ରଚିତ ଅଜୟ ପ୍ରଧାନଙ୍କ ସାହିତ୍ୟ ସମଗ୍ର ଆଲୋଚନା ଗ୍ରନ୍ଥ 'ଅଜୟ ଅନ୍ୱେଷା' ଶୀର୍ଷକ ଦୁଇଟି ପୁସ୍ତକର ଲୋକାର୍ପଣ ଦୁଇଟି ଅଧିବେଶନରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ଡକ୍ଟର ବୈଜୟନ୍ତୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଡକ୍ଟର ବେଣୁଧର ପାଢ଼ୀଙ୍କ ରଚିତ ଆଲୋଚନା ପୁସ୍ତକ 'ଅଜୟ ଅନ୍ୱେଷା' ଲୋକାର୍ପିତ ହୋଇଥିଲା । ଏଥିରେ ଉଦ୍ଘାଟକ ଭାବରେ ପ୍ରଫେସର ଡକ୍ଟର ମଥୁରାନାଥ ହୋତା ଯୋଗ ଦେଇଥିବା ବେଳେ, ମୁଖ୍ୟ ବକ୍ତା ଭାବେ ଡକ୍ଟର ବେଣୁଧର ପାଢ଼ୀ, ସମ୍ମାନିତ ବକ୍ତା ଭାବେ ଡକ୍ଟର ଦିଲ୍ଲୀପ କୁମାର ସ୍ୱାଇଁ ଯୋଗଦେଇ ଅଜୟ ପ୍ରଧାନଙ୍କ ସାହିତ୍ୟ ରଚନାର ପୃଷ୍ଠଭୂମି ଏବଂ ତାଙ୍କ ରଚନାରେ ଥିବା ବୈଶିଷ୍ଟ୍ୟ ବିଷୟରେ ଆଲୋକପାତ କରିଥିଲେ । ପରେ ପରେ ଦ୍ୱିତୀୟ ଅଧିବେଶନରେ ଚିନ୍ମୟ ବିବେକ ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବରେ ଡକ୍ଟର ବେଣୁଧର ପାଢ଼ୀ, ମୁଖ୍ୟ ବକ୍ତା ଭାବରେ ଡକ୍ଟର ଭଗବାନ ଜୟସିଂହ, ସମ୍ମାନିତ ବକ୍ତା ଭାବରେ ଡକ୍ଟର ପବିତ୍ର ମୋହନ ଦାଶ ଯୋଗଦେଇ ଅଜୟ ପ୍ରଧାନଙ୍କ ରଚିତ ଆଲୋଚନା ପୁସ୍ତକ 'କବିତାର ମହାଭାଷ ଅସ୍ମିତାର ଇତିହାସ'କୁ ଲୋକାର୍ପିତ କରି ଏହି ପୁସ୍ତକ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ଜଗନ୍ନାଥଙ୍କ ବିଗ୍ରହ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବର ଶୁଭାରମ୍ଭ କରାଯାଇଥିଲା । ଅତିଥି ମାନଙ୍କୁ ମଂଚକୁ ଆମନ୍ତ୍ରଣ କରିଥିଲେ କବି ଅଜୟ ପ୍ରଧାନ ଏବଂ ଶେଷରେ କାମଦେବ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ, ଶରତ ମିଶ୍ର, ମିନତି ମିଶ୍ର, ଡକ୍ଟର ସସ୍ମିତା ମିଶ୍ର, ଡକ୍ଟର ଅଶୋକ ମହାନ୍ତି, କୃଷ୍ଣଚନ୍ଦ୍ର ରଥ, ଡକ୍ଟର ସୁଚିତ୍ରା ରଥ, ବିଚିତ୍ରା ଦାଶ, ଯୋଗେଶ୍ୱର ପ୍ରହରାଜ, ବିପିନ ବିହାରୀ ଦଳାଇ, ଶତ୍ରୁଘ୍ନ ସାହୁ ଏବଂ ଅଜୟ ପ୍ରଧାନଙ୍କ ବନ୍ଧୁ ପରିଜନ ପ୍ରମୁଖ ଯୋଗ ଦେଇଥିଲେ ।

# ଘରକୁ ଫେରିଲେ ନିଖୋଜ ଦମ୍ପତି

ଭୋଗରାଇ, ୧୧/୦୬ (ଆ.ପ୍ର) : ନିଖୋଜ ଥିବା ଭୋଗରାଇ ବ୍ଲକ ଚୌକି ଗ୍ରାମର ସୁଧାଂଶୁ ଶେଖର ଜେନା (୮୫) ଓ ତାଙ୍କ ଧର୍ମପତ୍ନୀ ଗୀତାରାଣୀ ଜେନା (୮୦) ମଙ୍ଗଳବାର ନିଜ ଗ୍ରାମକୁ ଅସୁସ୍ଥବସ୍ଥାରେ ତାଙ୍କ ସାନପୁଅ ଶୁଭ୍ରାଂଶୁ ଶେଖର ଜେନା ଓ ଝିଅ କୁନିରାଣୀ ମହାନ୍ତିଙ୍କ ସହିତ ଘରକୁ ଫେରିଥିବା ସୂଚନା ମିଳିଛି । ସୂଚନାନୁଯାୟୀ, ଚୌକି ଗ୍ରାମର ହିମାଂଶୁ ଶେଖର ଜେନାଙ୍କ ପିତାମାତା ଭଉଣୀ ଘରକୁ ଯାଉଛନ୍ତି କହି ଘରୁ ବାହାରି ଯାଇଥିଲେ । ମାତ୍ର ସେମାନେ ଭଉଣୀ ଘରେ ପହଂଚି ନଥିବା ସୂଚନା ପାଇ ବହୁ ଖୋଜାଖୋଜି କରିଥିଲେ । ପିତାମାତାଙ୍କ କୌଣସି ସନ୍ଧାନ ନପାଇବାରୁ ସେମାନେ ନିଖୋଜ ଥିବାର ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରି ତାଙ୍କ ପିତା ମାତାଙ୍କୁ ଉଦ୍ଧାର ନିମନ୍ତେ ଥାନାର ଦ୍ୱାରସ୍ଥ ହୋଇଥିଲେ । ଏହି ଘଟଣାରେ ପୋଲିସ ୫୭/୨୦୨୬ ରେ ନିଖୋଜ ସମ୍ପର୍କିତ ଏକ ମାମଲା ରୁଜୁକରି ଅନୁସନ୍ଧାନ ଜାରି ରଖିଥିଲେ । ଇତି ମଧ୍ୟରେ ହିମାଂଶୁଙ୍କ ମାତାପିତା, ସାନଭାଇ ଓ ଭଉଣୀଙ୍କ ସହିତ ମଙ୍ଗଳବାର ଭୋଗରାଇ ଥାନାରେ ହଜାର ହୋଇଥିଲେ । ମୁଁ ଓ ମୋ ସ୍ତ୍ରୀ ନିଖୋଜ ନଥିଲି ବରଂ ସ୍ୱଇଚ୍ଛାରେ ଘରୁ ଝିଅ ଘରକୁ ଯାଇ ସେଠାରୁ ଚିକିତ୍ସା ନିମନ୍ତେ ଯାଇଥିବା ସୁଧାଂଶୁ ଶେଖର ଜେନା ବୟାନ ଦେଇଛନ୍ତି । ପରେ ଅସୁସ୍ଥ ହେବାରୁ ମା ଗୀତାରାଣୀ, ସାନପୁଅ ଓ ଝିଅଙ୍କ ସହିତ ଭୁବନେଶ୍ୱର ଚିକିତ୍ସା ନିମନ୍ତେ ଯାଇଥିବାର ସୂଚନା ମିଳିଥିଲା ।

# ସିମୁଳିଆ ପଂଚାୟତ ସମିତିର ନବମ ସାଧାରଣ ବୈଠକ

ସିମୁଳିଆ, ୧୧/୦୬ (ଆ.ପ୍ର) : ସିମୁଳିଆ ପଂଚାୟତ ସମିତିର ନବମ ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକ ଅଧକ୍ଷ ବାବାଜୀ ଚରଣ ମଳିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ବ୍ଲକର ନିର୍ବାଚିତ ପ୍ରତିନିଧି ସରପଂଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ସମେତ ସ୍ଥାନୀୟ ବିଧାୟକ ପଦ୍ମଲୋଚନ ପଣ୍ଡା, ଉପାଧକ୍ଷା ହିମାଦ୍ରି ନନ୍ଦିନୀ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ, ବିଡ଼ିଓ ସୁନୀଲ କୁମାର ଟୁଡୁ, ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ର, ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ଟିଗା,ବିଦ୍ୟୁତ ବିଭାଗ ଅଧିକାରୀ ପ୍ରତାପ କୁମାର ବେହେରା, ଆରଡି ଏସଡିଓ ସଞ୍ଜୟ କୁମାର ସାହୁ



ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ । ବ୍ଲକର ସ୍ୱାସ୍ଥ୍ୟ, ଶିକ୍ଷା, ଖାଦ୍ୟ ଯୋଗାଣ, ମତ୍ସ୍ୟ ଓ ପଶୁପାଳନ, ଶିଶୁ ବିକାଶ, କୃଷି, ଉଦ୍ୟାନ କୃଷି, ପାନୀୟ ଜଳ, ରାସ୍ତା ଗୃହ, ଆବାସ, ଉନ୍ନୟନ ମୂଳକ କାର୍ଯ୍ୟ ଓ ମିଶନ ଶକ୍ତି ଆଦି କାର୍ଯ୍ୟ ସମ୍ପର୍କରେ ସମୀକ୍ଷା ଓ ଆଲୋଚନା ହେବାକୁ ଥିବାବେଳେ ବିଧାୟକ ଶ୍ରୀ ପଣ୍ଡାଙ୍କ ଉପସ୍ଥିତିରେ ବିଧାୟକଙ୍କ ଦୁଇ ବର୍ଷର କାର୍ଯ୍ୟକାଳ ସମ୍ପର୍କରେ ଆଲୋଚନା କରିବା ପରେ କୌଣସି କାର୍ଯ୍ୟ ହେତୁ ବୈଠକ ଅଧାରୁ ଚାଲି ଯାଇ ଥିଲେ । ପରେ ଶିକ୍ଷା ବିଭାଗର ଆଲୋଚନାକୁ ନେଇ ହୋ ହାଲା ହୋଇଥିଲେ । ଆଜିର ବୈଠକ ସେପରି ଆଖି ଦୃଶିଆ ହୋଇ ନ ପାରିବା ଯୋଗୁଁ ନିର୍ବାଚିତ ପ୍ରତିନିଧି ମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ସଭା ପ୍ରାରମ୍ଭରୁ ପଂଚାୟତ ସମିତି ପରିସରରେ ବିଧାୟକ ଶ୍ରୀ ପଣ୍ଡାଙ୍କ ଦ୍ୱାରା ୨୦ଲକ୍ଷ ଟଙ୍କାର ନିର୍ମିତ ନୂତନ ପଂଚାୟତ ସମିତି ଗୃହର ଶୁଭ ଉଦଘାଟନ ହୋଇଥିଲା ।

# ପାଇକ ଖଣ୍ଡାୟତ କୁଳ ସମାଜ ଗଠନ : ସଭାପତି ମାନସ ସମ୍ପାଦକ ଭାବେ ସୁବ୍ରତ ନିର୍ବାଚିତ

ବାଲିଗୁଡା, ୧୧/୦୬ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ରେ ଗଠନ ହେଲା ପାଇକ ଖଣ୍ଡାୟତ କୁଳ ସମାଜ । ବାଲିଗୁଡା ନୂଆସାହିର ଅବସର ପ୍ରାପ୍ତ ଶିକ୍ଷକ ତଥା ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ପ୍ରଧାନୀଙ୍କ ଆବାହନ କ୍ରମେ ବାଲିଗୁଡା ସହରର ହନୁମାନ ମନ୍ଦିର ପ୍ରାଙ୍ଗଣରେ ସମାଜର ପଲ୍ଲୀ କମିଟି ଗଠନ ହୋଇ ଯାଇଛି । ପାଇକ ଖଣ୍ଡାୟତ ସମାଜର ଜିଲ୍ଲା ସଭାପତି ଲକ୍ଷ୍ମୀ ନାରାୟଣ ଦଣ୍ଡିଆ, ସମ୍ପାଦକ ଶ୍ରୀକାନ୍ତ ଦଳ ବେହେରା, ସଂଯୋଜକ ଜୟରାମ ଦଣ୍ଡିଆ ଉପସ୍ଥିତ ରହି ନିର୍ବାଚନ ଦାୟିତ୍ୱ ତୁଲାଇଥିଲେ । ଜିଲ୍ଲା ସଭାପତି ଲକ୍ଷ୍ମୀ ନାରାୟଣ ଦଣ୍ଡିଆ ପାଇକ କୁଳ ସମାଜର ଆରାଧ ଦେବତା ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟାର୍ପଣ କରି ଦୀପ ଧୂପ ପ୍ରଜ୍ୱଳନ ସହ ବୈଠକକୁ ଅନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଥିଲେ । ବୈଠକ ରେ ମହାସମ୍ମିଳନି ଆୟୋଜନ ପୂର୍ବକ ଯୁବଶକ୍ତିକୁ ସଂସ୍କାର ଶିକ୍ଷା,ନାରୀ ଶିକ୍ଷା,



ପାରିବାରିକ ସର୍ଭେ ସମ୍ବନ୍ଧ ରେ ଆଲୋଚନା ହୋଇଥିଲା । ସର୍ବ ସମ୍ମତିକ୍ରମେ ସଭାପତି ଭାବେ ମାନସ ରଞ୍ଜନ ଅମାୟତ, ସମ୍ପାଦକ ଭାବେ ସୁବ୍ରତ ପ୍ରଧାନୀ, ଉପ ସଭାପତି ଭାବେ ନାରାୟଣ ଦଳପତି, ସହ ସଂପାଦକ ଭାବେ ଦୁର୍ଗା ପ୍ରଧାନୀ, ସଂଯୋଜକ ଭାବେ ପ୍ରମୋଦ କୁମାର ଦଣ୍ଡସେନା, ଉପଦେଷ୍ଟା ଭାବେ ମୃତ୍ୟୁଞ୍ଜୟ ପ୍ରଧାନୀ, କୈଳାଶ ପ୍ରଧାନୀ, ପରମେଶ୍ୱର ଡାକୁଆ, ବାର୍ତ୍ତାବହ ଭାବେ ପବିତ୍ର ପ୍ରଧାନୀ ନିର୍ବାଚିତ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ହିନ୍ଦୁ ପ୍ରଧାନୀ, ସନାତନ ଆମାୟତ, କୋଷାଧକ୍ଷ ସୀମାଂଚଳ ଗାଉଁଟିଆ, ରାମାରାଓ ଦଣ୍ଡିଆଙ୍କ ସମେତ କନ୍ଧମାଳ ଜିଲ୍ଲାର ୨୪ ଗୋଟି ପଲ୍ଲୀ କମିଟିର ପଦାଧିକାରୀ ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ, ଶେଷରେ ଉପଦେଷ୍ଟା ଶ୍ରୀ ପ୍ରଧାନୀ ଧନ୍ୟବାଦ ଅର୍ପଣ ପରେ ସଭାପତିଙ୍କ ଦ୍ୱାରା ସଭା ସାଙ୍ଗ ହୋଇଥିଲା ।

# ରାଜ୍ୟ ସ୍ତରୀୟ ପରୀକ୍ଷଣ ଶିବିରରେ ପ୍ରଶିକ୍ଷକ ଭାବେ ଯୋଗ ଦେଲେ ସୁଜିତ୍ କୁମାର ଦାସ

ବାଲେଶ୍ୱର, ୧୧/୦୬ (ଆ.ପ୍ର) : ଫକୀର ମୋହନ +୨ ଶିକ୍ଷା ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ତଥା ଇତିହାସ ବିଭାଗର ଅଧାପକ ସୁଜିତ୍ କୁମାର ଦାସ ଭୁବନେଶ୍ୱରରେ ଆୟୋଜିତ ୫ ଦିନିଆ ପ୍ରଶିକ୍ଷଣ ଶିବିର ରେ ପ୍ରଶିକ୍ଷକ ଭାବେ ଯୋଗ ଦେଇଛନ୍ତି। ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗରେ ଶ୍ରୀ ଦାସଙ୍କର ଦୀର୍ଘ ଦିନର ଅଭିଜ୍ଞତା ରହିଛି। ପୂର୍ବରୁ ପ୍ରାଥମିକ, ମାଧ୍ୟମିକ ଶିକ୍ଷା ଅନୁଷ୍ଠାନରେ ମଧ ସେ ସଫଳତା ପୂର୍ବକ କାର୍ଯ୍ୟ କରିଛନ୍ତି । ଏହି ପ୍ରଶିକ୍ଷଣ ଶିବିରରେ ଶ୍ରୀ ଦାସ ବିଭିନ୍ନ ପ୍ରଶାସନିକ ନିୟମ ସହିତ ବିଭିନ୍ନ ଅଫିସିଆଲ୍ ନୀୟାମବଳି ବିଷୟରେ ନବ ନିଯୁକ୍ତ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଏହି ପ୍ରଶିକ୍ଷଣ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନ ରେ ହେଉଥିବା ବେଳେ ସୁଜିତ୍ କୁମାର ଦାସ ପ୍ରଶିକ୍ଷକ ଭାବେ ଯୋଗ ଦେଇ ସଫଳତା ପୂର୍ବକ ପ୍ରଶିକ୍ଷଣ ଦେଇଥିବାରୁ ଫକୀର ମୋହନ +୨ ଶିକ୍ଷା ଅନୁଷ୍ଠାନର ସମସ୍ତ କର୍ମଚାରୀଙ୍କୁ ଖୁବ୍ ଖୁସିଥିବା ଅଧକ୍ଷା ଅପର୍ଣ୍ଣା ସେଠୀ ମତବ୍ୟକ୍ତ କରିଛନ୍ତି।ଶିକ୍ଷା ଅନୁଷ୍ଠାନର ସେକ୍ସନ ଅଫିସର୍ ବଳରାମ ନାୟକ ଏହାକୁ ଅନୁଷ୍ଠାନ ପାଇଁ ଏକ ଗୌରବର ବିଷୟ କହିଥିବା ବେଳେ ସମସ୍ତ କର୍ମଚାରୀ ଶ୍ରୀ ଦାସଙ୍କୁ ଶୁଭେଚ୍ଛା ଜନାଇଛନ୍ତି ।

# 'ମୋ ଗାଁରେ ମୋ ତହସିଲ' ଅଭିଯାନ:ରାଜସ୍ୱ ସେବା ପ୍ରଦାନ

ଧାମନଗର, ୧୧/୦୬ (ଆ.ପ୍ର) : ଧାମନଗର ତହସିଲ ଅନ୍ତର୍ଗତ ରଇପୁର ରାଜସ୍ୱ ସର୍କଲର କଂଟିକା ଗ୍ରାମ ସ୍ଥିତ ୟୁ ଜି ଏମ୍ ଇ ବିଦ୍ୟାଳୟ ପରିସରରେ ରାଜସ୍ୱ ବିଭାଗ ପକ୍ଷରୁ 'ମୋ ଗାଁରେ ମୋ ତହସିଲ' ଅଭିଯାନ ସହ କ୍ୟାମ୍ପ କୋର୍ଟରେ ରାଜସ୍ୱ ସେବା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଧାମନଗରର ତହସିଲଦାର ଜ୍ଞାନରଞ୍ଜନ ସାହୁ ଯୋଗଦେଇ ଜନସାଧାରଣଙ୍କ ଜମି ଜାଗା ସମ୍ପର୍କିତ ମାମଲାର ଶୁଣାଣୀ ବିଭିନ୍ନ ସମସ୍ୟାର ତତ୍କାଳ ସମାଧାନ କରିଛନ୍ତି । ଅତିରିକ୍ତ ତହସିଲଦାର ସାଇ ସିଲୋନା,ସୁପରଭାଇଜର ଧର୍ମପଦ ସାହୁ,ରଇପୁରର ରାଜସ୍ୱ ନିରୀକ୍ଷକ ଶକ୍ତିରଞ୍ଜନ ମଲ୍ଲିକ ଉପସ୍ଥିତ ରହି ବିଭିନ୍ନ ମାମଲାର ଯାଂଚ ଓ ସମାଧାନ ପ୍ରକ୍ରିୟାରେ ସହଯୋଗ କରିଥିଲେ । ତହସିଲ କାର୍ଯ୍ୟାଳୟର ଦୁଇ ଜଣ ଡାଟା ଏଂଟ୍ରି ଅପରେଟର ପୁଷ୍ପାରାଣୀ ସାହୁ ଓ ଆଶିଷ କୁମାର ଜେନା ମଧ ଶିବିରରେ ଉପସ୍ଥିତ ରହି ସହଯୋଗ କରିଥିଲେ । ସକାଳ ୧୦ଟାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ କଂଟିକା ଓ ଏହାର ଆଖପାଖ ଅଂଚଳର ବହୁ ଗ୍ରାମବାସୀ ଯୋଗ ଦେଇ ସମୁଦାୟ ୭୧ ଅଭିଯୋଗରୁ ୨୧ ଘଟଣାର ସମାଧାନ କରିଥିଲେ । ଏହାଛଡ଼ା ଜମିର ଭୁଲ୍ ଖାତା/ପଟ୍ଟା ସଂଶୋଧନ ପାଇଁ ନୂତନ ଦରଖାସ୍ତ ଗ୍ରହଣ କରାଯିବା ସହ ପୂର୍ବରୁ ସଂଶୋଧିତ ହୋଇଥିବା ପଟ୍ଟା ଗୁଡ଼ିକୁ ବଂଟନ କରାଯାଇଥିଲା । ବସୁନ୍ଧରା ଯୋଜନାରେ ଭୂମିହୀନମାନଙ୍କ ଠାରୁ ଆବେଦନପତ୍ର ଗ୍ରହଣ କରାଯାଇ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା । ଜମି ଜମା ସଂକ୍ରାନ୍ତୀୟ ସୀମା ନିର୍ଦ୍ଧାରଣ ସମସ୍ୟା ଏବଂ ଅମିନ ମାପଚୁପ ମାମଲାର ତୁରନ୍ତ ଫଇସଲା କରାଯାଇଥିଲା । ବିଭିନ୍ନ ସମସ୍ୟା ସରକାରୀ ପ୍ରମାଣପତ୍ରର ଅନୁମୋଦନ କରାଯିବା ସହ ଦୀର୍ଘଦିନରୁ ପଡ଼ିରହିଥିବା ବେବନ୍ଦୋବସ୍ତ ମୋକଦ୍ଦମା ଏବଂ ଅନ୍ୟାନ୍ୟ ରାଜସ୍ୱ ମାମଲାଗୁଡ଼ିକର ତ୍ୱରିତ ସମାଧାନ କରାଯାଇଥିଲା ।(

# ପରିତ୍ୟକ୍ତ ମହେନ୍ଦ୍ର ସାଗର ପୁଷ୍କରିଣୀରୁ ପଙ୍କଉଦ୍ଧାର ଦାବି

ଖଣ୍ଡପଡ଼ା, ୧୧/୦୬ (ଆ.ପ୍ର) : ଖଣ୍ଡପଡ଼ା ସହରର ତହସିଲ କାର୍ଯ୍ୟାଳୟ ପାର୍ଶ୍ୱରେ ଅବସ୍ଥିତ ସର୍ବ ପୁରାତନ ମହେନ୍ଦ୍ର ସାଗର ପୁଷ୍କରିଣୀଟି ଦୀର୍ଘ ବର୍ଷ ଧରି ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ଅବସ୍ଥାରେ ଏବେ ପଡ଼ି ରହିଛି । ପୁଷ୍କରିଣୀ ସାରା ଅନାବନା ଗଛଲତା ଓ ପଦ୍ମ ଦଳରେ ଭର୍ତ୍ତି ହୋଇଥିବା ବେଳେ ପୋଖରୀର ଚତୁଃ ପାର୍ଶ୍ୱ ହୁଡାରେ ମଧ୍ୟ ଅନାବନା ଗଛ ଉଠି ଦୁରରୁ ଏହା ଏକ ଜଙ୍ଗଲ ପରି ପ୍ରତୀୟମାନ ହେଉଛି । ଏକଦା ଉକ୍ତ ପୋଖରୀର ଜଳରେ ଅଂଚଳବାସୀ ଦୈନନ୍ଦିନ ନିତ୍ୟକର୍ମ ସାରୁଥିବା ବେଳେ ପୋଖରୀ ମଧ୍ୟରେ ଥିବା ଏକ ଗଭୀର କୂପରୁ ସ୍ଥାନୀୟ ଅଂଚଳର ମହିଳା ମାନେ ପାଣି ସଂଗ୍ରହ କରି ରୋଷେଇ କାର୍ଯ୍ୟରେ ବ୍ୟବହାର କରୁଥିଲେ । ଏବେ କିନ୍ତୁ ପୋଖରୀର ପାଣି ଜହର ପାଲଟିଥିବା ବେଳେ ଉକ୍ତ କୂପଟି ଭଗ୍ନ ଅବସ୍ଥାରେ ପଡି ରହିଥିବା ଜଣାପଡିଛି । ପୋଖରୀ ପାଣିରେ ସ୍ନାନ କଲେ ଦେହ, ହାତ ଓ ଗୋଡ କୁଣ୍ଡେଇ ହେଉଛି । ମହେନ୍ଦ୍ର ସାଗର



ପୁଷ୍କରିଣୀଟି ରାଜରାଜୁଡା ଅମଳରୁ ପ୍ରତିଷ୍ଠା କରାଯାଇଥିବା ବେଳେ ପୋଖରୀର ରକ୍ଷଣାବେକ୍ଷଣ ସହ ପୋଖରୀରୁ ପଙ୍କଉଦ୍ଧାର ଦିଗରେ ପ୍ରଶାସନ ଗତ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଧ୍ୟାନ ନ ଦେବା ପରିତାପର ବିଷୟ । ପୋଖରୀରୁ ପଙ୍କଉଦ୍ଧାର ହୋଇ ନଥିବାରୁ ପୋଖରୀର ପାଣି ଦୂଷିତ ପାଲଟି ଥିବା ଜଣାଯାଇଛି । ସୂଚନାଯୋଗ୍ୟ ଦୈନିକ ଆଖପାଖ ଅଂଚଳରୁ ଶହଶହ ସଂଖ୍ୟାରେ ଜନସାଧାରଣ ଖଣ୍ଡପଡ଼ା ତହସିଲ ଓ ଅଦାଲତ କାର୍ଯ୍ୟାଳୟକୁ ବିଭିନ୍ନ କାମରେ ଆସୁଥିବା ବେଳେ ନିକଟରେ ଥିବା ଏହି ମହେନ୍ଦ୍ର ସାଗର ପୋଖରୀ ଉପରେ ସଂପୂର୍ଣ୍ଣ ରୁପେ ସେମାନେ ନିର୍ଭର କରିଥାନ୍ତି । ମାତ୍ର ଏବେ ସମୟ ବଦଳି ଯାଇଛି । ସର୍ବସାଧାରଣଙ୍କ ସେବାରେ ଲାଗି ପାରୁନି ଏହି ପରିତ୍ୟକ୍ତ ପୁଷ୍କରିଣୀ । ଖଣ୍ଡପଡ଼ା ସହରର ମଧ୍ୟ ଭାଗରେ ୨ ଏକର ପରିମିତ ଜାଗାରେ ଅବସ୍ଥିତ ଏହି ପୁଷ୍କରିଣୀ ଉପରେ ପାଖାପାଖି ୫ ଟି ୱାର୍ଡର ବାସିନ୍ଦା ସ୍ନାନ, ଶୌଚ ଆଦି ଦୈନନ୍ଦିନ କାର୍ଯ୍ୟ ପାଇଁ ସର୍ବଦା ନିର୍ଭର କରିଥାନ୍ତି । ତେବେ ସହରାଂଚଳ ବାସିନ୍ଦାଙ୍କ ସ୍ୱାର୍ଥ ଓ ସୁବିଧାକୁ ଦୃଷ୍ଟିରେ ରଖି ଉକ୍ତ ମହେନ୍ଦ୍ର ସାଗର ପୋଖରୀର ପୁନରୁଦ୍ଧାର ଦିଗରେ ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି । ଖଣ୍ଡପଡା ଏନଏସି ଅଧକ୍ଷା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

# ବିଜେପିରେ କର୍ମୀ ଅସନ୍ତୋଷ: ଆମପାଣି ଜୋନ୍‌ରେ ସଂଗଠନ ସଂକଟରେ

କୋକସରା,୧୧/୦୬ (ଆ.ପ୍ର) : ଧର୍ମଗଡ଼ ନିର୍ବାଚନ ମଣ୍ଡଳୀର କୋକସରା ବ୍ଲକ ଅନ୍ତର୍ଗତ ଆମପାଣି ଜିଲ୍ଲାପରିଷଦ ଜୋନ୍ ଏବେ ସ୍ଥାନୀୟ ରାଜନୀତିର ମୁଖ୍ୟ କେନ୍ଦ୍ରବିନ୍ଦୁ ପାଲଟିଛି । ବର୍ତ୍ତମାନ ଏହି ଆସନଟି ବିଜେଡି ହାତରେ ଥିବାବେଳେ, ଏଠାରେ ନିଜର ସଂଗଠନକୁ ଅଧିକ ମଜବୁତ୍ କରିବା ପାଇଁ ବିଜେପି ଜୋରଦାର ପ୍ରୟାସ ଚଳାଇଛି । ହେଲେ ସଂଗଠନ ବୃଦ୍ଧି ପରିବର୍ତ୍ତେ ଦଳ ଭିତରେ ବଢୁଥିବା ଆଭ୍ୟନ୍ତରୀଣ ଅସନ୍ତୋଷ ଏବେ ବିଜେପି ପାଇଁ ବଡ଼ ମୁଣ୍ଡବିନ୍ଧାର କାରଣ ସାଜିଛି । ବର୍ଷ ବର୍ଷ ଧରି ରକ୍ତଝାଳ ବୁହାଇ ଦଳକୁ ଠିଆ କରିଥିବା ପୁରୁଣା ଓ ଅଭିଜ୍ଞ କର୍ମକର୍ତ୍ତାମାନେ ଏବେ ଅଣଦେଖାର ଶିକାର ହୋଇ କୋଣଠେସା ହୋଇଥିବା ବିଶେଷ ସୂତ୍ରରୁ ଜଣାପଡିଛି । ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ହେଉଛି ଯେ, ବିଗତ ଦିନରେ ଯେଉଁ ପୁରୁଣା କର୍ମୀମାନେ ପ୍ରତିକୂଳ ପରିସ୍ଥିତିରେ ବି ଦଳୀୟ ସଂଗଠନକୁ ବଂଚାଇ ରଖିଥିଲେ, ସେମାନଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି । କୌଣସି ସାଙ୍ଗଠନିକ ଅଭିଜ୍ଞତା ନଥିବା କିଛି ନୂଆ କର୍ମକର୍ତ୍ତାଙ୍କୁ ଦଳରେ ଆବଶ୍ୟକତାରୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ଓ କେତେକ ନୂଆଁ ଲୋକଙ୍କୁ ବଡ଼ ପଦପଦବୀ ମଧ୍ୟ ଦେଖିଥିବାରୁ ପୁରୁଣା ନେତୃତ୍ୱ ନିଜକୁ ଅଲୋଡ଼ା ମନେ କରୁଛନ୍ତି । ଦଳ ଭିତରେ କୁହୁଳୁଥିବା ଏହି ଅସନ୍ତୋଷର ନିଆଁ ଏପର୍ଯ୍ୟନ୍ତ ପ୍ରକାଶ୍ୟକୁ ଆସି ନଥିଲେ ମଧ ସାଙ୍ଗଠନିକ ସ୍ତରରେ ଏହା ତୀବ୍ର ରୂପ ଧାରଣ କଲାଣି ବୋଲି ନାମ ଗୋପନ ରଖି ଦଳର କିଛି ଆଗଧାଡ଼ିର ପୂର୍ବତନ ପଦାଧିକାରୀ ପ୍ରକାଶ କରିଛନ୍ତି । ଏହି ଅସନ୍ତୋଷ କେବଳ ଆମପାଣି ମଣ୍ଡଳରେ ସୀମିତ ନାହିଁ, ବରଂ ସମଗ୍ର କୋକସରା ଅଂଚଳର ବିଭିନ୍ନ ମଣ୍ଡଳୀରେ ଏହାର ପ୍ରଭାବ ଦେଖିବାକୁ ମିଳିଛି । ଦଳର ବହୁ ପୁରାତନ ତଥା ଜିଲ୍ଲା ସ୍ତରୀୟ ନେତୃବୃନ୍ଦ ଏବେ ବିଜେପିର ସଭା ସମିତିଗୁଡ଼ିକରୁ ଦୂରେଇ ରହୁଛନ୍ତି । ଯେଉଁମାନେ ଦିନେ କୌଣସି ବି ଜନଆନ୍ଦୋଳନ କିମ୍ବା ସାମୂହିକ ସମସ୍ୟା ପାଇଁ ସର୍ବପ୍ରଥମେ ରାଜପଥକୁ ଓହ୍ଲାଉଥିଲେ, ସେମାନଙ୍କର ଏହି ହଠାତ୍ ନୀରବତା ଦଳ ଭିତରେ ଥିବା ତୀବ୍ର ବିରୋଧାଭାସକୁ ସ୍ପଷ୍ଟ ଭାବେ ଜଳଜଳ କରି ଦେଖାଉଛି । ଶୁଣିବାକୁ ମିଳୁଛି ଯେ, ଗତ ସାଧାରଣ ନିର୍ବାଚନ ସମୟରେ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରେ ଦଳ ଦୁଇଟି ଗୋଷ୍ଠୀରେ ବିଭକ୍ତ ହୋଇଯାଇଥିଲା । ତେବେ ଦଳୀୟ ବିଧାୟକ ବିଜୟୀ ହେବା ପରେ, ଟିକେଟ ଆଶାୟୀ ଥିବା ଅନ୍ୟ ନେତାଙ୍କ ସମର୍ଥନରେ ଥିବା କର୍ମୀ ଓ ନେତୃବୃନ୍ଦଙ୍କୁ ଏବେ ସମ୍ପୂର୍ଣ୍ଣ କଣଠେସା କରି ଦିଆଯାଇଛି । ଦଳୀୟ ଶୀର୍ଷ ନେତୃତ୍ୱ ଏସବୁ ଜାଣିଶୁଣି ନୀରବ ରହିବା କାରଣରୁ କର୍ମୀମାନେ ଏବେ ଭାଗ ଭାଗ ହୋଇଯାଇଛନ୍ତି । ଆଗକୁ ପଂଚାୟତ ନିର୍ବାଚନ ଆସୁଥିବା ବେଳେ କର୍ମୀଙ୍କ ମଧ୍ୟରେ ଥିବା ଏହି ଆଭ୍ୟନ୍ତରୀଣ ବିବାଦ ଦଳ ଉପରେ ବ୍ୟାପକ ପ୍ରଭାବ ପକାଇବ ବୋଲି ସ୍ୱୟଂ ବିଜେପିର ଅସନ୍ତୁଷ୍ଟ କର୍ମୀମାନେ ଆଲୋଚନା କରୁଛନ୍ତି । ଯଦି ସମୟ ଥାଉ ଥାଉ ପୁରୁଣା ଓ ନୂଆ କର୍ମୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରାନଯାଏ, ତେବେ ଆମପାଣି ଜୋନ୍ ? ସମେତ ସମଗ୍ର କୋକସରା ବ୍ଲକରେ ଦଳକୁ ଏହାର ଭାରି ମୂଲ୍ୟ ଦେବାକୁ ପଡ଼ିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି । ପଂଚାୟତ ନିର୍ବାଚନ ଆଗକୁ, ବିଜେପିର ଗୋଷ୍ଠୀ କନ୍ଦଳ ବିଜେଡି ପାଇଁ ସୁଯୋଗ ସୃଷ୍ଟି କରିବା ସୁନିଶ୍ଚିତ, ଏଣେ କଂଗ୍ରେସ ଦଳ ନିଜର ଦପଦପା କରିବା ପାଇଁ ଉଦ୍ୟମ କରୁଛି । ଏସବୁ ଭିତରେ ବିଜେପିର ଦଳୀୟ କର୍ମୀ ଅସନ୍ତୋଷର ଧୂଆଁ ବିରୋଧି ଦଳ ପାଇଁ ମୌକା ଆଣି ଦେଇଥିବା ଅନେକ ଚର୍ଚ୍ଚା ଆଲୋଚନା ହେଉଛି ।

ସେଇଠୁ
# ଆରମ୍ଭ
SEITHO ARAMBHA
ଶୁକ୍ରବାର, ୧୨ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



# ସମ୍ପାଦକୀୟ...

## ବାଟବଣା ଶୈଶବ

ମଣିଷ ଜୀବନର ପ୍ରାଥମିକ ଅବସ୍ଥା ହେଉଛି ଶୈଶବ । ମାତୃଗର୍ଭରୁ ଜନ୍ମନେବାଠାରୁ କୈଶୋର ଅବସ୍ଥା ପର୍ଯ୍ୟନ୍ତ ତା'ର ଚପଳ ଗୁଣ ସମସ୍ତଙ୍କୁ ବିମୋହିତ କରେ । ଏହି ଅବସ୍ଥା ମଧ୍ୟରେ ତା'ର ପ୍ରତିଟି କାର୍ଯ୍ୟକଳାପ କ୍ଷମଣୀୟ ହୋଇଥାଏ । ଦୁନିଆକୁ ନୂଆକରି ଦେଖୁଥିବା ଶିଶୁ ମଧ୍ୟରେ ନଥାଏ ହିଂସା, ଈର୍ଷା, କପଟତା । କେବଳ ଥାଏ ଆବିଳତା । ଶିଶୁର କୋମଳ ସ୍ପର୍ଶରେ ମନରୁ ସମସ୍ତ ରାଗ, ଅଭିମାନ ଅକସ୍ମାତ୍ ମିଳେଇ ଯାଏ । ପ୍ରତିଟି ଶିଶୁର କଥାରେ ଥାଏ ଆତ୍ମୀୟତା । ତେଣୁ ଶିଶୁକୁ ଭଗବାନଙ୍କ ରୂପ ବୋଲି କୁହାଯାଏ । ଆଜିର ଶିଶୁ ଆଗାମୀ କାଲିର ଭବିଷ୍ୟତ । ତେଣୁ ସମାଜ ସବୁବେଳେ ଶିଶୁ ପାଇଁ ଯତ୍ନଶୀଳ ହୋଇଥାଏ । ହେଲେ ବର୍ତ୍ତମାନ ସମୟରେ ଆମେ ଶିଶୁଙ୍କ ସଠିକ ଯତ୍ନ ନେଇ ପାରୁନୁ । ଯେଉଁସବୁ ସାମଗ୍ରୀଠାରୁ ଶିଶୁଙ୍କୁ ଦୂରେଇ ରଖିବା ଉଚିତ ଆମେ ସେହିସବୁ ସାମଗ୍ରୀ ସହ ଖେଳିବା ପାଇଁ ତାକୁ ଉତ୍ସାହିତ କରୁଛୁ । ଯାହାଫଳରେ ଶିଶୁର ମସ୍ତିଷ୍କ ଉପରେ କୁପ୍ରଭାବ ପଡୁଛି । ସେ କ୍ରମଶଃ ନିଜ ପାଠପଢ଼ାଠାରୁ ଦୂରେଇ ଯାଉଛି । ଯାହାକି ଅଭିଭାବକଙ୍କ ମୁଣ୍ଡବିନ୍ଧାର କାରଣ ହେଉଛି । ଶୈଶବ ଅବସ୍ଥାରେ ପିଲାଟି ଯାହା ଶିଖେ ତାହାକୁ ସଙ୍ଗେ ସଙ୍ଗେ ମନେ ରଖିଦିଏ । ତେଣୁ ବାଲ୍ୟାବସ୍ଥାରୁ ଶିଶୁକୁ ଉତ୍ତମ ଶିକ୍ଷା ଦେବା ଜରୁରୀ । ସେଥିପାଇଁ ଶିଶୁର ଶରୀରର ଗଠନ ଓ ସ୍ମରଣଶକ୍ତିର ବିକାଶ ପାଇଁ ବାଲ୍ୟାବସ୍ଥାରୁ ତା'ର ଯତ୍ନ ନିଆଯାଏ । ଶିଶୁର ମସ୍ତିଷ୍କ ଉପରେ ପ୍ରଭାବ ପଡ଼ିବ ବୋଲି ପାଞ୍ଚବର୍ଷ ପର୍ଯ୍ୟନ୍ତ ତାକୁ ପାଠପଢ଼ାଠାରୁ ଦୂରେଇ ରଖାଯାଏ । ପାଞ୍ଚବର୍ଷ ପରେ ଶିଶୁମାନେ ସ୍କୁଲକୁ ଯାଇ ଅଧ୍ୟୟନ କରିଥାନ୍ତି । ଶିଶୁଙ୍କ ଶରୀରର ହାଡ଼ ଦୁର୍ବଳ ଓ ମାଂସ କୋମଳ ହୋଇଥାଏ । ତେଣୁ ତାକୁ ବାଲ୍ୟାବସ୍ଥାରେ ମାଡ଼ ମାରିବା ଉଚିତ ନୁହେଁ । ସେଥିପାଇଁ ସ୍କୁଲଗୁଡ଼ିକୁ ଦଣ୍ଡମୁକ୍ତ ଅଞ୍ଚଳଭାବେ ଘୋଷଣା କରାଯାଇଛି । ଆଜିର ସମୟରେ ଆମେ ସାଧାରଣତଃ ଉନ୍ନତମାନର ଜ୍ଞାନକୌଶଳ ଉପରେ ନିର୍ଭର କରୁଛୁ । ତେଣୁ ଅଧିକାଂଶ ସମୟ ଟେଲିଭିଜନ୍, ମୋବାଇଲ୍ ଦେଖିବାରେ ସମୟ ଅତିବାହିତ କରିଥାଉ । ଏହାର ସିଧାସଳଖ ପ୍ରଭାବ ଶିଶୁ ଉପରେ ପଡ଼ିଥାଏ । କାରଣ ଶିଶୁଟି ମଧ୍ୟ ଟିଭି, ମୋବାଇଲ ଧରିବା ପାଇଁ ଜିଦ୍ କରିଥାଏ । କୋମଳମତି ଶିଶୁର ଜିଦ୍ ଆଗରେ ବାପାମାଆ ହାରିଯାଇ ଶିଶୁଟିକୁ ମୋବାଇଲ ସହ ଖେଳିବାକୁ ଦେଇଥାନ୍ତି । ଯାହାଫଳରେ ଶିଶୁଟି ନିଜ ପାଠପଢ଼ାଠାରୁ ଦୂରେଇ ଯାଇ ଅଧିକାଂଶ ସମୟ ଟିଭି ଓ ମୋବାଇଲ ଦେଖିଥାଏ । ବିଶେଷ କରି ମୋବାଇଲ ତାକୁ ଏତେମାତ୍ରାରେ ଆକର୍ଷଣ କରେ ଯେ ସେ ନିଜ ଖାଇବା ପିଇବା ଭୁଲି ମଧ୍ୟ ମୋବାଇଲରେ ବ୍ୟସ୍ତ ରହେ । ଆଜିକାଲି ଅଧିକାଂଶ ଛାତ୍ରଛାତ୍ରୀଙ୍କ ପାଖରେ ମଧ୍ୟ ମୋବାଇଲ ରହିଛି । ସ୍କୁଲ କ୍ୟାମ୍ପସରୁ ଛାତ୍ରଛାତ୍ରୀଙ୍କ ପାଖରୁ ମଧ୍ୟ ମୋବାଇଲ୍ ଜବତ କରାଯାଉଛି । କରୋନା ମହାମାରୀ ପାଇଁ ସ୍କୁଲ, କଲେଜ ବନ୍ଦ ରହିବାରୁ ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍ କ୍ଲାସ୍ କଲେ । ଫଳରେ ଦିନ ତମାମ୍ ସେମାନେ ମୋବାଇଲ୍ ବ୍ୟବହାର କଲେ । ଅଧିକାଂଶ ଛାତ୍ରଛାତ୍ରୀ ଅନ୍‌ଲାଇନ୍ କ୍ଲାସ୍ ବାହାନାରେ ମୋବାଇଲ୍‌କୁ ଅପବ୍ୟବହାର କଲେ ।

# ଶିକ୍ଷା : ଭାରତୀୟ ମୁସଲିମ ସମ୍ପ୍ରଦାୟର ଉନ୍ନତିର ମୂଳ ଆଧାର

॥ ଅଲତାଫ୍ ମିର୍ ॥

୧୮୭୫ ମସିହାରେ ଆଲିଗଡ଼ରେ ସାର୍ ସୟଦ ଅହମ୍ମଦ ଖାନଙ୍କ ଦ୍ୱାରା ମହମ୍ମଦାନ୍ ଆଙ୍ଗେ ।- ଓରିଏଂଟାଲ୍ କଲେଜ୍ ପ୍ରତିଷ୍ଠା ହେବାର ଦେଢ଼ ଶତାବ୍ଦୀରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ତାଙ୍କର ମୂଳ ବାର୍ତ୍ତା ଆଜି ମଧ୍ୟ ଭାରତର ମୁସଲିମ୍ ସମ୍ପ୍ରଦାୟ ମଧ୍ୟରେ ସମାନ ଭାବରେ ପ୍ରାସଙ୍ଗିକ ରହିଛି ଓ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁଛି । ଏକ ଗୌରବମୟ ଅତୀତ ଓ ଆଶାଭରା ଭବିଷ୍ୟତ ମଧ୍ୟରେ ସଂଯୋଗ ସ୍ଥାପନା କରିବାରେ ଶିକ୍ଷା ସଦା ସର୍ବାଧିକ ପ୍ରଭାବଶାଳୀ ଓ ବିଶ୍ୱସନୀୟ ସେତୁ ଭାବେ କାର୍ଯ୍ୟ କରିଆସିଛି । ଆଜି ଯେତେବେଳେ ଏହି ସମ୍ପ୍ରଦାୟ ଦ୍ରୁତ ଗତିରେ ପରିବର୍ତ୍ତନଶୀଳ ଭାରତର ନୂତନ ଆବଶ୍ୟକତା ଓ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେଉଛି ସେତେବେଳେ ଗୁଣାତ୍ମକ ଶିକ୍ଷା, ଆଧୁନିକ ଦକ୍ଷତା ଏବଂ ସାମ୍ବିଧାନିକ ସଚେତନତାର ଉପଲବ୍ଧତା ସମ୍ପ୍ରଦାୟର ସଶକ୍ତିକରଣ, ଆର୍ଥିକ ଉନ୍ନତି ଏବଂ ଦେଶର ବହୁତ୍ୱବାଦୀ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସକ୍ରିୟ ଓ ଅର୍ଥପୂର୍ଣ୍ଣ ଅଂଶଗ୍ରହଣର ମୂଳ ଆଧାର ପାଲଟିଛି ।

ସାମ୍ପ୍ରତିକ ସରକାରୀ ତଥ୍ୟ ପ୍ରଗତି ଏବଂ ସ୍ଥାୟୀ ବ୍ୟବଧାନ ଉଭୟକୁ ପ୍ରତିଫଳିତ କରେ ।

ପିରିଓଡ଼ିକ ଲେବର୍ ଫୋର୍ସ୍ ସର୍ଭେ (୨୦୨୩-୨୪) ଅନୁଯାୟୀ ମୁସଲମାନଙ୍କ ମଧ୍ୟରେ (୭ ବର୍ଷ ଓ ତଦୁର୍ଦ୍ଧ ବୟସ) ସାକ୍ଷରତା ହାର ୭୯.୫ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ଜାତୀୟ ହାର ୮୦.୯ ପ୍ରତିଶତର ନିକଟତର । ତଥାପି ଜାତୀୟ ନମୁନା ସର୍ଭେ (୭୫ତମ ପର୍ଯ୍ୟାୟ) ଦର୍ଶାଉଛି ଯେ ସ୍କୁଲ ଶିକ୍ଷାର ପ୍ରତ୍ୟେକ ସ୍ତରରେ ଧାର୍ମିକ ଗୋଷ୍ଠୀ ମଧ୍ୟରେ ମୁସଲମାନ ଛାତ୍ରଙ୍କ ପାଇଁ ମୋଟ ଉପସ୍ଥାନ ଅନୁପାତ ସବୁଠାରୁ କମ୍ ରହିଛି । ଡ୍ରପ୍ ଆଉଟ୍ ଏକ ଚିନ୍ତାର ବିଷୟ ହୋଇରହିଛି, ବିଶେଷକରି ପ୍ରାଥମିକ ଶିକ୍ଷା ବ୍ୟତୀତ । ମଦ୍ରାସାଗୁଡ଼ିକ ଦୀର୍ଘ ସମୟ ଧରି ଅନୁନ୍ନତ ମୁସଲିମ୍ ଅଂଚଳର ପିଲାମାନଙ୍କ ପାଇଁ ଶିକ୍ଷା ଜୀବନରେଖା ଭାବରେ କାର୍ଯ୍ୟ କରିଆସୁଛନ୍ତି ଏବଂ ଧାର୍ମିକ ମୂଲ୍ୟବୋଧ ଉପରେ ମୂଳ ସୁଲଭ ଶିକ୍ଷା ପ୍ରଦାନ କରୁଛନ୍ତି । ଯଦିଓ ସେମାନଙ୍କର ପହଂଚ ପ୍ରଭାବଶା ପାରମ୍ପରିକ ପାଠ୍ୟକ୍ରମ ପ୍ରାୟତଃ ବିଜ୍ଞାନ, ଗଣିତ, ଇଂରାଜୀ ଏବଂ ଆଜିର ପ୍ରତିଯୋଗିତାମୂଳକ ଦୃଶ୍ୟପଟ ପାଇଁ ଅତ୍ୟାବଶ୍ୟକ ଡିଜିଟାଲ୍ ଦକ୍ଷତା ଖର୍ଚ୍ଚ କରି ଧାର୍ମିକ ଅଧ୍ୟୟନ ଉପରେ ଗୁରୁତ୍ୱ ଦେଇଆସିଛି । ଶାଳୀ, ଏ ସମ୍ବନ୍ଧରେ ନିକଟ ଅତୀତରେ କିଛି ଉତ୍ସାହଜନକ ପରିବର୍ତ୍ତନ ଦୃଶ୍ୟମାନ ହୋଇଛି । ଅକ୍ଟୋବର ୨୦୨୩ରେ ଉତର ପ୍ରଦେଶ ସରକାର ଘୋଷଣା କରିଥିଲେ ଯେ ଜାନୁଆରୀ ୨୦୨୪ରୁ ମଦ୍ରାସା ପାଠ୍ୟକ୍ରମରେ ଡିଜିଟାଲ୍ ସାକ୍ଷରତା, କୋଲିଂ ଏବଂ କୃତ୍ରିମ ବୁଦ୍ଧିମତା ସମ୍ବନ୍ଧୀୟ ମଡ୍ୟୁଲ୍ ସାମିଲ କାରାଯିବ । ଏହା ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ କମ୍ପ୍ୟୁଟର ଓ ଅଧ୍ୟୟନ କିଟ୍ ମଧ୍ୟ ବଂଟନ କରାଯିବ । ଅନ୍ୟପକ୍ଷରେ କେରଳମରେ ମଦ୍ରାସା ପୃଷ୍ଠଭୂମିରୁ ଆସିଥିବା ଅନେକ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ କୋଡିଂ ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ସେହିପରି ମୁସଲିମ୍ ଝିଅମାନଙ୍କ ପାଇଁ ବିଭାଷୀ କୋଡିଂ କ୍ଲବ ଭଳି ସମ୍ପ୍ରଦାୟ ଚାଳିତ ପଦକ୍ଷେପଗୁଡ଼ିକ ମଧ୍ୟ ଶିକ୍ଷା ଓ ପ୍ରଯୁକ୍ତିଗତ ଦକ୍ଷତା ବିକାଶ କ୍ଷେତ୍ରରେ ସକାରାତ୍ମକ ପ୍ରଭାବ ସୃଷ୍ଟି କରୁଛି । ଏହାଛଡ଼ ଜମିଆତ ଉଲେମା-ଏ-ହିନ୍ଦୁ ସମେତ ଅନେକ ପ୍ରମୁଖ ମୁସଲିମ ସଂଗଠନ ଧାର୍ମିକ ଶିକ୍ଷା ଶିକ୍ଷା ସହିତ ଆଧୁନିକ ବିଷୟଗୁଡ଼ିକର ସମନ୍ୱୟ ପାଇଁ ସକ୍ରୀୟ ଭାବେ ସମର୍ଥନ ଓ ପ୍ରଚେଷ୍ଟା ଜାରି ରଖୁଛନ୍ତି । ଏପରି ଆଭ୍ୟନ୍ତରୀଣ ପଦକ୍ଷେପଗୁଡ଼ିକର ବିଶେଷ ମହତ୍ୱ ରହିଛି, କାରଣ ସମ୍ପ୍ରଦାୟର ପରିଚୟ ସାଂସ୍କୃତିକ ଐତିହ୍ୟ ସହ ଗଭୀର ଭାବେ ସଂଯୁକ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ଦୀର୍ଘସ୍ଥାୟୀ ଓ ଗ୍ରହଣଯୋଗ୍ୟ ସଂସ୍କାର ବାହ୍ୟ ଚାପରେ ନୁହେଁ, ବରଂ ସମ୍ପ୍ରଦାୟ ଭିତରୁ ଉତ୍ପନ୍ନ ହୋଇ କାର୍ଯ୍ୟକାରୀ ହେଲେ ଅଧିକ ସଫଳ ହୋଇଥାଏ ।

ସରକାରୀ ନୀତି ଓ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟ ଏହି ପରିବର୍ତ୍ତନକୁ ସମର୍ଥନ କରୁଛି । ଶିକ୍ଷା ମନ୍ତ୍ରଣାଳୟର SPQEM ଯୋଜନା ମାଦ୍ରାସାଗୁଡ଼ିକରେ ବିଜ୍ଞାନ, ଗଣିତ, ଇଂରାଜୀ ପରି ଆଧୁନିକ ବିଷୟର ଶିକ୍ଷା, ଶିକ୍ଷକ ତାଲିମ ଓ ଭିତିଭୂମି ଉନ୍ନତିକୁ ପ୍ରୋତ୍ସାହନ ଦେଇଛି । ସେହିପରି IDMI ଯୋଜନା ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନର ମୌଳିକ ସୁବିଧା ବିକାଶରେ ସହାୟତା କରୁଛି । ଏହା ସହିତ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟର ଛାତ୍ରବୃତି ଯୋଜନାଗୁଡ଼ିକ ମୁସଲିମ୍ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇ ସମାନ ସୁଯୋଗ ଓ ଦୀର୍ଘମିଆଦୀ ସଶକ୍ତିକରଣକୁ ବୃଦ୍ଧି କରୁଛନ୍ତି । ଏହି ଯୋଜନାଗୁଡ଼ିକ ଅଧୀନରେ ୯ମ ଓ ୧୦ମ ଶ୍ରେଣୀ ପାଇଁ ପ୍ରାକ୍-ମାଟ୍ରିକ, ଏକାଦଶ ଶ୍ରେଣୀରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ପୋଷ୍ଟ-ମାଟ୍ରିକ ଏବଂ ବୃତ୍ତିଗତ ଓ ବୈଷୟିକ ପାଠ୍ୟକ୍ରମ ପାଇଁ ମେରିଟ -କମ୍-ମିନ୍ସ ଛାତ୍ରବୃତି ପ୍ରଦାନ କରାଯାଏ । ଏହି ସୁବିଧାଗୁଡ଼ିକର ବ୍ୟାପକ ପହଂଚ ସୁନିଶ୍ଚିତ କରିବାରେ ସମ୍ପ୍ରଦାୟ ନେତା ଓ ସ୍ଥାନୀୟ ସଂଗଠନଗୁଡ଼ିକ ସଚେତନତା ସୃଷ୍ଟି ଏବଂ ଆବେଦନ ପ୍ରକ୍ରିୟାରେ ସହାୟତା କରି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବେ । ଶିକ୍ଷାର ଲକ୍ଷ୍ୟ ହେଉଛି ସାକ୍ଷରତା ଓ ଦକ୍ଷତା ବିକାଶ ସହିତ ସଚେତନ ଓ ଦାୟିତ୍ୱବାନ ନାଗରିକ ଗଢ଼ି ତୋଳିବା । ଏହି କ୍ଷେତ୍ରରେ ଶିକ୍ଷକମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଧାର୍ମିକ ଶିକ୍ଷା ସହିତ ଭାରତୀୟ ସମ୍ବିଧାନର ମୂଲ୍ୟବୋଧ- ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ ସମ୍ପର୍କରେ ଜ୍ଞାନ ପ୍ରଦାନ କରି ସେମାନେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନାଗରିକ ସଚେତନତା ବିକଶିତ କରିପାରିବେ । ସେହିପରି ଡିଜିଟାଲ୍ ଯୁଗରେ ଭୁଲ ସୂଚନାର ମୁକାବିଲା ପାଇଁ ସମାଲୋଚନାମୂଳକ ଚିନ୍ତାଧାରା ଓ ଗଣମାଧ୍ୟମ ସାକ୍ଷରତା ଅତ୍ୟାବଶ୍ୟକ । ଧାର୍ମିକ ଶିକ୍ଷା, ଆଧୁନିକ ଜ୍ଞାନ ଓ ସାମ୍ବିଧାନିକ ମୂଲ୍ୟବୋଧର ସମନ୍ୱୟ କରୁଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ଆତ୍ମବିଶ୍ୱାସୀ, ଦକ୍ଷ ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ପ୍ରତିବଦ୍ଧ ନାଗରିକ ସୃଷ୍ଟି କରିବାରେ ସହାୟକ ହୁଅନ୍ତି ।

ଭାରତର ମୁସଲିମ ସମ୍ପ୍ରଦାୟର ଶିକ୍ଷାଗତ ଉନ୍ନତି ଏକ ସାମୂହିକ ଦାୟିତ୍ୱ । ପିତାମାତାଙ୍କୁ ପୁଅ ଓ ଝିଅ ଉଭୟଙ୍କ ଶିକ୍ଷା ଏବଂ ଦକ୍ଷତା ବିକାଶକୁ ସମାନ ଗୁରୁତ୍ୱ ଦେବାକୁ ହେବ । ମଦ୍ରାସା ପ୍ରଶାସନ, ଉଲେମା, ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ସମ୍ପ୍ରଦାୟ ସଂଗଠନମାନଙ୍କୁ ମଧ୍ୟ ଆଧୁନିକ ଶିକ୍ଷା, ସଚେତନତା ଓ ଉପଲବ୍ଧ ସୁଯୋଗଗୁଡ଼ିକର ସର୍ବୋତମ ବ୍ୟବହାର ଦିଗରେ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ହେବ । ସାର୍ ସୟଦ ଅହମ୍ମଦ ଖାନଙ୍କ ଦୃଷ୍ଟିଭଙ୍ଗୀ ଆଜି ମଧ୍ୟ ସମାନ ଭାବେ ପ୍ରାସଙ୍ଗିକ । ଶିକ୍ଷାରେ ବିନିଯୋଗ କେବଳ ବ୍ୟକ୍ତି କିମ୍ବା ସମ୍ପ୍ରଦାୟର ଉନ୍ନତି ନୁହେଁ, ବରଂ ଏକ ଶକ୍ତିଶାଳୀ, ଅନ୍ତର୍ଭୁକ୍ତିମୂଳକ ଏବଂ ପ୍ରଗତିଶୀଳ ଭାରତ ଗଠନର ଭିତ୍ତି । ନ୍ୟାୟ, ସ୍ୱାଧୀନତା ଓ ସମାନତାର ସାମ୍ବିଧାନିକ ଆଦର୍ଶକୁ ବାସ୍ତବ ରୂପ ଦେବାରେ ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ମାଧ୍ୟମ ଯାହା ମୁସଲମାନମାନଙ୍କୁ ଦେଶର ଗର୍ବିତ ଓ ସକ୍ରିୟ ନାଗରିକ ଭାବେ ସଶକ୍ତ କରିଥାଏ ।

ପିଏଚ୍.ଡି
ଜାମିଆ ମିଲିଆ ଇସଲାମିଆ

# 'ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ'

॥ ଜ୍ୟୋତ୍ସ୍ନା ମହାପାତ୍ର ॥

'ଯସ୍ୟାଂ ସମୁଦ୍ର ଉତ ସିନ୍ଧୁରାପୋ
ଯସ୍ୟା ମନ୍ନଂ କୃଷ୍ଟୟଃ ସଂବଭୂବୁଃ ।
ଯସ୍ୟାମିଦଂ ଜିନ୍ୱତି ପ୍ରାଣଦେଜତ୍
ସା ନୋ ଭୂମିଃ ପୂର୍ବପେୟେ ଦଧାତୁ ।'

ଯେଉଁ ପୃଥିବୀ ଉପରେ ସମୁଦ୍ର, ନଦୀ ଓ ଜଳ ରହିଛନ୍ତି, ଯେଉଁଥିରେ ଅନ୍ନ ଓ ମାନବସୃଷ୍ଟିର ସତା ରହିଛି, ଯେଉଁଠାରେ ସମସ୍ତେ ଆନନ୍ଦିତ ହୁଅନ୍ତି, ଶ୍ୱାସ ପ୍ରଶ୍ୱାସ ନିଅନ୍ତି, ତାହା ବିଚରଣ କରନ୍ତି, ସେହି ଭୂମିକୁ ଆମେ ପ୍ରଥମ ସମ୍ମାନ ଦେବା । ପୃଥିବୀ ପ୍ରତି ଏହି ସମ୍ମାନବୋଧ, କୃତଜ୍ଞତା ଓ ଚେତନତ୍ୱର ଆରୋପ ହିଁ ରଜ ଉତ୍ସବର ମୂଳତତ୍ୱ । ଆମର ବାସଭୂମି ପୃଥିବୀ ଏକ ନିଷ୍ପ୍ରାଣ ମୃତିକାପିଣ୍ଡ ନୁହେଁ । ଏହାର ପ୍ରାଣ ଅଛି । ଏହା ଆମକୁ ଧରା ହୋଇ ଧରି ରଖିଛି ଏବଂ କ୍ଷମା ଭାବରେ ସବୁ ସହି ଭୂତଧାତ୍ରୀ ପରି ପାଳନ କରୁଛି । ପୃଥିବୀଠାରେ ଏହି ମାତୃଚେତନା ବା ମାଟି ପ୍ରତି ମମତା ହିଁ କୃତଜ୍ଞ ମନୁଷ୍ୟକୁ ରଜପର୍ବରେ ତିନିଦିନ ପାଇଁ କର୍ଷଣ କରିବାରୁ ନିବୃତ କରିଛି । ରଜର ତିନି ଦିନ ଅର୍ଥାତ୍ ପହିଲି ରଜ, ସଂକ୍ରାନ୍ତି ଓ ଭୂମି ଦହନ - ଏହି ତିନି ଦିନ ପାଳନ କରିବା ସକାଶେ ଓଡ଼ିଶାର ଝିଅ ବୋହୂମାନେ ସବୁକାମ ସାରି ସଜ ହୁଅନ୍ତି । ନୂଆଲୁଗା ପିନ୍ଧି ବିଭିନ୍ନ ସ୍ଥାନ ଦେଖିବାକୁ ଦଳ ଦଳ ହୋଇ ବୁଲି ବାହାରନ୍ତି, ଦୋଳି ବାନ୍ଧି 'ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ଲୋ, ଘେନି ନୂଆ ସଜବାଜ' - ବୋଲି ଗୀତ ଗାଇ ଆନନ୍ଦରେ ଝୁଲନ୍ତି । ଏହି ତିନି ଦିନ ସେମାନେ ରନ୍ଧାବଢ଼ା ଓ କଟାବଟା ଇତ୍ୟାଦି ଗୃହକର୍ମ ନକରି ସଂପୂର୍ଣ୍ଣ ବିଶ୍ରାମ ନିଅନ୍ତି । ସତତ କର୍ମରତ ଗୃହବଧୂ ଓ କନ୍ୟାମାନଙ୍କର କୃଷି କର୍ମରେ କଠୋର ପ୍ରବୃତି ସକାଶେ ଏ ତିନି ଦିନ ଯେପରି ପ୍ରସ୍ତୁତି ବିଶ୍ରାମ । ପୃଥିବୀ ରଜସ୍ୱଳା ପାଳନ ବିଧିରେ ଝିଅ ବୋହୂମାନଙ୍କୁ ଶିକ୍ଷା ଦେବା ଉଦ୍ଦେଶ୍ୟରେ ଏହି ଯେଉଁ ପର୍ବର କଳ୍ପନା ସେଥିରେ ଶରୀର ସକାଶେ ବିଶ୍ରାମ, ମନ ପାଇଁ ଆନନ୍ଦ ଓ ଭବିଷ୍ୟତ ସକାଶେ ସ୍ୱପ୍ନ ଥିଲେ ହିଁ ପୃଥିବୀ ଯେପରି ଶସ୍ୟ ଶ୍ୟାମଳା ହେବ ମଣିଷର ସାଂସାରିକ ଜୀବନଯାପନ ସକାଶେ ସେପରି ସ୍ୱଚ୍ଛଳ ହେବ ବୋଲି ନିର୍ଦ୍ଦେଶ ରହିଛି । ରବି ରଜାର ମିଥୁନ ବା ମିଳନରେ ଯେତେ ଆନନ୍ଦ, ଯେତେ ଉନ୍ମାଦନା - ସବୁ ରାଜସ ବିଳାସ, ସତେ ଯେପରି ଆମରି ମଧ୍ୟରେ ଅବତରଣ କରିଛି - ଏଇ ଫଳପ୍ରସ୍ୱ ମାଟିର ଉର୍ବରତା ଦ୍ୟୋତକ ରୁଜ - ପର୍ବର ମନ ମତାଣିଆ ମଉଚ୍ଛବ ବା ମହୋତ୍ସବରେ ।

ବସୁମତୀ ସ୍ନାନ ରଜ ପର୍ବର ଅନ୍ୟତମ ଦିବସ । ଏହା ବସୁମାତାଙ୍କ ଶୁଦ୍ଧ ସ୍ନାନ । ଧରାସ୍ନାନ, ମହାଲକ୍ଷ୍ମୀ ସ୍ନାନ, ମହାଲକ୍ଷ୍ମୀ ଗାଧୁଆ ଓ ଶୁଦ୍ଧ ସ୍ନାନ ନାମରେ ଏହା ଲୋକପ୍ରିୟ । ମାର୍ଗଶୀର ଶେଷ ଗୁରୁବାର ବନ୍ଦ ହୋଇଥିବା ମହାଲକ୍ଷ୍ମୀ ପେଡ଼ି ଏହି ଦିନ ଲେଖାଯାଏ । ରଜସ୍ୱଳା ନାରୀ ସଦୃଶ ତିନିଦିନ ଅସ୍ପୃଶ୍ୟ ହୋଇ ରହିବା ପରେ ଚତୁର୍ଥ ଦିନ ପ୍ରାତଃକାଳରେ ଧରିତ୍ରୀ ମା'ର ଶୁଦ୍ଧ ସ୍ନାନ ପର୍ବ ପାଳନ କରାଯାଏ । ଏହି ଦିନ ଆନନ୍ଦ ଉଲ୍ଲାସ ପରିବର୍ତେ ଆଧାତ୍ମିକତା ସ୍ଥାନ ନେଇଥାଏ । ବସୁମତୀ ସ୍ନାନରେ ଧରଣୀ ମାତାକୁ ଭକ୍ତି ଭାବର ସହ ପୂଜା କରାଯାଏ । ଶୁଦ୍ଧସ୍ନାନ ପରେ ଧରଣୀ ଶସ୍ୟବୀଜ ଧାରଣ କରିପାରେ ।

ଜ୍ୟେଷ୍ଠ ମାସର ଶେଷଦିନ ଓ ଆଷାଢ଼ ମାସର ଆରମ୍ଭ ଦୁଇଦିନକୁ ନେଇ ରଜପର୍ବ । ଅସରା ଅସରା ବର୍ଷାରେ ଭିଜାମାଟିର ବାସ୍ନା ମହାକାଇଦିଏ ରଜପର୍ବକୁ । ବସୁମତୀ ବନ୍ଦନାର ଋତୁ ଇଏ । ଏହି ପର୍ବରେ ଭୂଇଁ ରଜସ୍ୱଳା ହେତୁ ମହିଳାମାନେ କାଠପିଢ଼ା ଉପରେ ଶିଳପୁଆ, ଲଙ୍ଗଳ ଲୁହା, ନଡ଼ିଆ ଆଦି ରଖି ତା ଉପରେ ହଳଦୀପାଣି ଢ଼ାଳି ବାସୁମତୀ ସ୍ନାନ କରାନ୍ତି । କାରଣ ଏହାପରେ ହିଁ ଉତ୍ପାଦନକ୍ଷମ ହୁଏ ମାଟି । ଲୋକ ଚଳଣି ସହ ଏହି ପରମ୍ପରାର ଅପୂର୍ବ ସାମଞ୍ଜସ୍ୟ । ଆକାଶରେ ମେଘ ଦେଖିଲେ ଚାଷୀ ମନ ଉଚ୍ଛନ୍ନ ହୋଇଉଠେ, ସତେ ଯେମିତି ବର୍ଷା ଟିକକ ପାଇଁ ତା'ର ବ୍ୟାକୁଳ ଅପେକ୍ଷା । ପହିଲି ବର୍ଷାର ପ୍ରଥମ ପ୍ରେମରେ ଉନ୍ମନା ହୋଇଉଠେ କୁଆଁରୀର ମନ । ଗୋଡ଼ରେ ଅଳତା, ହାତରେ ମଞ୍ଜୁଆତି, ଆଖିରେ କଜ୍ଜଳ ଆଉ ପାଦରେ ପାଉଁଜି ପିନ୍ଧି ଛମ୍ ଛମ ନାଚିଯାଏ ସେ । ଚୁଲିର ରଡ଼ନିଆଁରେ ପୋଡ଼ାଯାଇଥିବା ପୋଡ଼ପିଠା ବୃନ୍ଦାବତୀଙ୍କ ପାଖରେ ଭୋଗ ଲଗାଇ ଏହାକୁକାଟି ପରଷିଦେବ ଗୃହଲକ୍ଷ୍ମୀ । ବାଡ଼ିରେ ରଜଦୋଳିର ଗୀତ ଶୁଭି ଉଠୁଥିବ ଆଉ ଖେଳାଇ ଦେଉଥିବ ଆନନ୍ଦର ଲହରୀ, ବାଗୁଡ଼ି ଖେଳରେ ନଈବାଲିରେ ମାତିଥିବେ ଯୁବକ, ଆଉ କିଶୋରୀର ପୁଚିଖେଳର ଉଚ୍ଛୁଳି ଉଠୁଥିବ ଗାଁ ଦାଣ୍ଡ । ସତରେ ନିଚୋଳ ବିଶ୍ୱାସର ନିଆରା ପର୍ବ ଏହି ରଜ । ପହିଲି ବର୍ଷାର ପୁଲକରେ ଅପରୂପା ଏବେ ପୃଥିବୀ ମାଆ । ସବୁଜିମାରେ ଯାହାର ସୌନ୍ଦର୍ଯ୍ୟ ଅକଳ୍ପନୀୟ । ମାଟିକୁ ମା' ରୂପରେ ଦେଖିବାର ସଙ୍କେତ ବହନ କରୁଥିବା ଏହି ରଜରେ କେହି ନାରୀ କାହାକୁ ପ୍ରଣାମ କରନ୍ତି ନାହିଁ କି ଆଶୀର୍ବାଦ ଦିଅନ୍ତି ନାହିଁ । କାରଣ ସେ ଗରିୟସୀ - ଏଇ ବେଳରେ । ତା'ର ମହନୀୟତା ସବୁଠୁ ଉର୍ଦ୍ଧ୍ୱରେ ।

*ଚଣ୍ଡୀମନ୍ଦିର ମାର୍ଗ, କଟକ-୧*

# ରଜ ପୋଡ଼ପିଠା

॥ ଇତିଶ୍ରୀ ଅଲିଭା ଦିପ୍ତିମୟୀ ରାଉତ ॥

ପିଠା ଭିତରେ ସାର ରଜ ପୋଡ଼ ପିଠା । ଘରେ ହେଉ ବା ରଜ ଦୋଳିରେ ସବୁରି ହାତରେ ଖଣ୍ଡେ ପିଠା । ଏଇ ପୋଡ଼ପିଠାର ମହକ ଖେଳିଯାଏ ଚାରିଆଡ଼େ । ବର୍ଷକରେ ଥରେ ଘରେ ପୋଡ଼ପିଠା ହେବ ବୋଲି କାହାରି ପାଦ ତଳକୁ ଲାଗୁନଥାଏ । ପହିଲିରଜ ପୂର୍ବଦିନ ସଜବାଜ । ରଜ ସଉଦାରେ ପୋଡ଼ପିଠାର ସବୁ ଚିଜ କିଣାଯାଇଥାଏ । ରାତିରେ ରୋଷେଇବାସ ସରିଲା ପରେ ଶାଶୂ-ବୋହୂ ମିଶି ପୋଡ଼ପିଠା ତିଆରିରେ ଲାଗିଯାନ୍ତି । ହାଣ୍ଡିଶାଳରେ ଚୁଲିରେ ମାଟି ହାଣ୍ଡି ବସାଇ ପାଣି ଫୁଟାଏ ବୋହୂ । ଏଥିରେ ପଡ଼େ ଆବଶ୍ୟକ ପରିମାଣର ଲୁଣ ଆଉ ଗୁଡ଼ । ଶାଶୂ ଚୁଲିମୁଣ୍ଡରେ ବସି ବଢ଼େଇ ଦେଉଥାଏ । ବୋହୂ ଫୁଟନ୍ତା ପାଣିରେ ପୂର୍ବରୁ ଶିଳରେ ପ୍ରସ୍ତୁତ ଚାଉଳ ଚୂନା ପକାଇ ଏହାକୁ ଯନ୍ତିବାକୁ ଆରମ୍ଭ କରେ । ସହଯୋଗ କରେ ଶାଶୂ । ଚୂନା ଯନ୍ତି ଆସିବାବେଳକୁ ଏଥିରେ ପଡ଼େ ଅଦା, ମରିଚ ଆଉ ପାତିନଡ଼ିଆ । କେତେବେଳେ କେମିତି ଏହି ପିଠାରେ ବସାଦହି ବି ପଡ଼ିଥାଏ, ଯାହା ସ୍ୱାଦଯୁକ୍ତ କରାଏ ପିଠାକୁ । ଚୂନା ଯନ୍ତା ସରିଲା ପରେ ଏହାକୁ ଅଜାଡ଼ି ଦିଆଯାଏ ପଲମରେ । ପଲମରେ ଦିଆଯାଏ କଦଳୀପତ୍ର । ଏଥିରେ ଚୂନାଯନ୍ତାକୁ ହାତରେ ସଜାଡ଼ି ଜୁଆଣି, ଅଳେଇଚ, ଗୁଜୁରାତି ପ୍ରଭୃତି ମସଲା ଦିଆଯାଏ । ଏତେସବୁ କାମ ଭିତରେ ଘଷି ରଡ଼ନିଆଁ ଝଟକି ଉଠୁଥାଏ ଚୁଲିରେ । ତଳେ ଚୁଲି ନିଆଁ, ଆଉ ଚୁଲି ଉପରେ ପଲମ ବସାଇ ପଲମରେ ଉପରେ ଅଜାଡ଼ି ଦିଆଯାଏ ରଡ଼ନିଆଁ । ରାତିସାରା ଚୁଲି ପାଉଁଶରେ ପିଠା ପୋଡ଼ା ହେଉଥାଏ । ପିଠାକାମ ସାରି ସମସ୍ତେ ଶୋଇପଡ଼ନ୍ତି । ସକାଳୁ ଉଠିଲେ ସମସ୍ତଙ୍କର ମନେ ପଡ଼େ ପୋଡପିଠା କଥା । ଗାଧୁଆ ସାରି ନୂଆ ବେଶପୋଷାକରେ ମଜିଯାନ୍ତି ପିଲାଠୁ ବୁଢ଼ାଯାଏ । ଖୁସି କହିଲେ ନସରେ । ପହିଲି ରଜର ପହିଲି ପୁଲକ ଭରିଯାଏ ମନରେ । ରଙ୍ଗ ବେରଙ୍ଗର ପୋଷାକରେ କିଶୋରୀ ଓ ଯୁବତୀଙ୍କର ଗାଁ ବୁଲା ଆରମ୍ଭ ହୋଇଯାଇଥାଏ । ବାଡ଼ିପଟେ ଆମ୍ବ କି ବରଗଛରେ ରଜଦୋଳି ସଜ ହୋଇଥାଏ । ଘରର ବଡ଼ବୋହୂ କି ଯେ କେହି ମହିଳା ଗାଧୁଆପାଧୁଆ ସାରି ନୂଆବସ୍ତ୍ର ପିନ୍ଧି ଚୁଲିରୁ ପିଠା ଓହ୍ଲାଇ ପନିକି ଧରି ବସିପଡ଼ନ୍ତି ପୋଡପିଠା କାଟିବାକୁ । ଚାରିପଟେ ବେଢ଼ିଯାନ୍ତି ପିଲାମାନେ ।

କଟା ପୋଡପିଠାରୁ କିଛି ପ୍ରଥମେ ଗୃହଦେବୀ ବୃନ୍ଦାବତୀଙ୍କ ଠାରେ ଭୋଗ ଲଗାଯାଏ । ପରେ ପିଣ୍ଡି ଓ ବାରିଆଡ଼େ ଦିଆଯାଏ ଏହି ପିଠା । ପରେ ଘରର ବୋହୂ ଏହି ପିଠାକୁ ପ୍ରଥମେ ମାନ୍ୟ ଲୋକ ଓ ପରେ ପିଲାଙ୍କ ଭିତରେ ବାଂଟି ଦିଅନ୍ତି । ପିଲାଙ୍କର ମଧ୍ୟ ଏହାକୁ ଖାଇବାର ଉତ୍ସାହ କିଛି କମ୍ ନୁହେଁ । ସାଇପଡ଼ିଶାରେ ଏହି ପିଠା ବଂଟାଯାଏ । କାହାରି ଘରେ ସେଇବର୍ଷ କେହି ମରିଥିଲେ ତାଙ୍କ ଘରେ ପିଠା ହୋଇନଥାଏ, କିନ୍ତୁ ସାଇପଡ଼ିଶାରେ କେତେଆଡୁ ପିଠା ପହଂଚିଯାଏ ତାଙ୍କ ଘରେ । ରଜରେ ପୋଡ଼ପିଠା ବାଂଟିବାର ପରମ୍ପରା ଗ୍ରାମ୍ୟ ସଂସ୍କୃତିରେ ଖୁବ୍ ନିଆରା । ଝିଅମାନେ ଦଳ ଦଳ ହୋଇ ପୋଡ଼ପିଠା ଖାଇ ରଜଦୋଳି ଖେଳିବାର ଦୃଶ୍ୟ ଖୁବ ଆମୋଦଦାୟକ । ପୋଡ଼ପିଠାର ମହକରେ ମହକିଯାଏ ସାରା ଗାଁ । ପୋଡ଼ପିଠା ଓଡ଼ିଆ ଖାଦ୍ୟ ସଂସ୍କୃତିରେ ତା'ର ସ୍ୱତନ୍ତ୍ରତା ବଜାୟ ରଖିଛି । ଓଡ଼ିଆର ଜାତୀୟ ପର୍ବ ରଜରେ ଓଡ଼ିଆଣୀର ପୋଡ଼ପିଠା ଖୁବ୍ ସ୍ୱାଦ ଓ ରୁଚିପୂର୍ଣ୍ଣ । ଲକ୍ଷ୍ମୀପୁରାଣରେ ମହାଲକ୍ଷ୍ମୀ ଶ୍ରୀଜଗନ୍ନାଥ ଓ ଶ୍ରୀବଳରାମଙ୍କୁ ଖାଇବା ଶେଷରେ ପୋଡ଼ପିଠା ଦେବାର ବର୍ଣ୍ଣନା ରହିଛି । ତେଣୁ ଶ୍ରୀମନ୍ଦିର ପରମ୍ପରାରେ ଓଡ଼ିଶାର ଲୋକଦେବତାଙ୍କ ପାଖରେ ଏହା ଖୁବ୍ ପ୍ରିୟ, ଯେଉଁଥି ପାଇଁ ମହାପ୍ରଭୁ ରଥଯାତ୍ରାରେ ଆସନ୍ତି ମାଉସୀ ମା'ଘର । ଓଡ଼ିଶା ଏକ କୃଷି ପ୍ରଧାନ ଦେଶ ଓ ରଜ ଏକ କୃଷିଭିତ୍ତିକ ପର୍ବ । ଏଠାରେ ଧାନ ଫସଲ ମୁଖ୍ୟ ହୋଇଥିବା ବେଳେ ଚାଉଳ ଚୂନାରେ ତିଆରି ଏହି ପିଠା ଉତ୍କଳୀୟ ସାଂସ୍କୃତିକ ଧାରାରେ ଚଳଣିର ଅଂଶ ହୋଇରହିଛି ।

*ସେକ୍ଟର-୬, ସିଡିଏ, କଟକ,*
*ଦୂରଭାଷ : ୯୪୩୭୨୨୫୬୮୯,*

# ରଜ ପର୍ବ

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ପର୍ବର ନାମ ରାଜ । ମୃତିକା ବସୁମତୀ ଦେବୀଙ୍କର ରୋଜ ଦର୍ଶନ ଯାହା ଆସାମ ପ୍ରଦେଶ ମାଆ କାମାକ୍ଷାଙ୍କର ଅମ୍ବୁବଚୀ ସମୟ ମାଟି ବହୁ ଆଗରତୁ ଶୀତ ବସନ୍ତ ଗ୍ରୀଷ୍ମ ପରି ଛଅ ମାସ ମଧ୍ୟରେ ଯେତେବେଳେ ଏଇ ମାଟିର କଠୋରତା ନିବାରଣ ସମୟ ଆସୁଛି ସେହି ସମୟର ଏହି ପର୍ବର ପାଳନ ସମୟ । ରାଶି ଚକ୍ରରେ ୨୭ଟି ନକ୍ଷତ୍ର ଅଛି ଏ ମଧ୍ୟରେ ପଣା ସଂକ୍ରାନ୍ତି (ମହାବିଷୁବ ସଂକ୍ରାନ୍ତି) ଠାରୁ ରବିଙ୍କର ଅଶ୍ୱିନୀ ନକ୍ଷତ୍ର ପ୍ରବେଶ କାଳ ଏହିଠାରୁ ଆଗକୁ ଆଗକୁ ସୂର୍ଯ୍ୟ ୧୩/୧୪ ଦିନ ବ୍ୟବଧାନରେ ୧/୧ ନକ୍ଷତ୍ର ଭୋଗ କରି ଚାଲିଥାନ୍ତି । ବୈଶାଖ-ଜ୍ୟେଷ୍ଠ ଗ୍ରୀଷ୍ମ ଋତୁ ଅଶ୍ୱିନୀ + ଦ୍ୱିଜା + କୃତିକା ଏମିତି ୩ ନକ୍ଷତ୍ର ହୁଏ ୪୦ ଅଂଶ ଏହି ୪୦ ଅଂଶ ରବିଙ୍କର ଭୋଗକୁ ପ୍ରାୟ ୪୦ ଦିନ ଭୋଗ ହୁଏ । ଏହାପରେ ଭୋଗ ରୋହିଣୀର ୧୩ ଅଂଶ ୨୦ କଳା, ଏହି ସମୟ ସୂର୍ଯ୍ୟଙ୍କ ପ୍ରଖର ତୀକ୍ଷ୍ଣ କିରଣ ପୃଥିବୀ ଉପରେ ପଡ଼େ । ମାଟିରେ ଅତ୍ୟଧିକ ଗରମ ବୋଧ ହୋଇ ଗୁରୁଚାପ ଯୋଗୁଁ ବାୟୁମଣ୍ଡଳ ଗରମ ହୋି ମାଟିରୁ ଉପରକୁ ବାୟୁ ଉର୍ଦ୍ଧଗାମୀ ହୁଏ । ଏହି ବାୟୁର ଶୂନ୍ୟ ସ୍ଥାନ ପୂରଣ ପାଇଁ ଓଡ଼ିଶା ବଙ୍ଗ ଆସାମ ମେଘାଳୟ ଦିଗକୁ ବଙ୍ଗୋପ ସାଗରରୁ ପବନ ବହିବା ଆରମ୍ଭ କରେ । ସାଧାରଣତଃ ବସନ୍ତ ଋତୁରେ ଫାଲଗୁନ ଚୈତ୍ରରେ ଦକ୍ଷିଣା ପବନ ବହୁଥାଏ । ଏହି ବୈଶାଖ ଜ୍ୟେଷ୍ଠରେ ଉତରାପବନ ସହିତ ପଶ୍ଚିମା ପବନ ମିଶି ମାଟିର ଗରମ ପବନର ସହିତ ଢ଼ାଇ ହୁଏ । ଯଦି ଜୋରରେ ଦୁଇ ଦିଗ ପବନ ଢ଼ାଇ ହୁଏ ସେ ସମୟରେ ନିର୍ଘାତ ହୁଏ । ଘୂର୍ଣ୍ଣିବାତ୍ୟା ଦେଖାଯାଏ ଯାହା ଚକ୍ରବାତ୍ୟା । ଏହାର ଫଳ ସ୍ୱରୂପ କାଳ ବୈଶାଖି ତତସହିତ କାଁ ଭାଁ ବର୍ଷା, ମାଟି ଭିଜା ବର୍ଷା, ମାଟି ଆର୍ଦ୍ର ହୋଇଯାଏ । ନକ୍ଷତ୍ରରେ ଅଛି ଆର୍ଦ୍ର । ୬ ନମ୍ବର ନକ୍ଷତ୍ର ଏହାର ପୂର୍ବ ନକ୍ଷତ୍ର ମୃଗଶିରା ୫ ନକ୍ଷତ୍ର ଏହା ଅଧା ଅଛି ବୃଷରେ ଅଧା ଅଛି । ମିଥୁନରେ ଏକ ନକ୍ଷତ୍ର ୧୪ ଦିନ ସର୍ବୋଚ୍ଚ ହେତୁ ୭ ଦିନ ବୃଷରେ ୭ ଦିନ ମିଥୁନରେ । ମିଥୁନରେ ରବି ପ୍ରବେଶକୁ ରଜ ସଂକ୍ରାନ୍ତି କୁହାଯାଏ । ଏହା ପ୍ରାକ୍ ମୌସୁମୀର ପ୍ରବେଶ କାଳ, ରଜ ସଂକ୍ରାନ୍ତିର ପୂର୍ବର ଦୁଇ ଦିନ ଓ ପରପର ଦୁଇଦିନ ସଜବାଜ ପହଲିରଜ ଓ ରଜସଂକ୍ରାନ୍ତି ଓ ତାର ପର ଭୂମି ନହଣକୁ ନେଇ ରଜପର୍ବ । ଏହାପରେ ଆଉ ୩/୪ ଦିନ ପରେ ଆସେ ଆର୍ଦ୍ର ପ୍ରବେଶ ଯାହା ୨୧/୨୨ ତାରିଖ ଦିନ ମୌସୁମୀ ବର୍ଷର ରୁଟିନ ଆରମ୍ଭ ।

ମୌସୁମୀ ବର୍ଷା ଆରମ୍ଭ ହେଲେ ଖାରିଫ ଋତୁର ଚାଷକାର୍ଯ୍ୟ ଶାରଦ ଧାନର ଅଖିମୁଠି ଅନୁକୂଳ ଅକ୍ଷୟ ତୃତୀୟାରୁ ବୁଣା ବୁଣି ଆରମ୍ଭ ଓ ବର୍ଷଣ ମୁଖର କାଳ ଆରମ୍ଭ ପରେ ତଳିପକା ଯାଏ ତାପରେ ରୁଆ ରୁଇ ଚାଷର ଜୋରସୋର କାର୍ଯ୍ୟ । ରଜ ପର୍ବ ମୃତିକାର ହେଲେ ବି ଏହାକୁ ପ୍ରତିଗୃହର କୁମାରୀ କନ୍ୟାମାନେ ବିଧିରେ ପାଳନ କରନ୍ତି । ମାଟିରେ ଖାଲି ପାଦରେ ଝିଅମାନେ ଚାଲନ୍ତି ନାହିଁ । ଚପଲ ଯୋତାର ବହୁଳ ପ୍ରସାର ନଥିବାବେଳେ ଗୁଆ ଗଛ ବାହୁଙ୍ଗାର ଖୋଳପାରେ ଜୋତାପତି ପାଦ ଆଭରଣ କରି କନ୍ୟାମାନେ ଚାଲୁଥିଲେ । ଦୋଳି ଲଗାଇ ଝୁଲଣ ଖେଳ ଆଦି ବିଶେଷ ଆନନ୍ଦ ପର୍ବ ସହିତ ଉତମ ଖାଦ୍ୟ ଭୋଜନ ଏ ମଧ୍ୟରେ ବିଶେଷ ପୋଡ଼ପିଠା ବ[ନ ଖିଆ ଚାଲେ । ରଜପାନ ବି ଏକ ବିଶେଷ ମାନ୍ୟତା ବ[ନ ଓ ଚର୍ବଣ ଦ୍ରବ୍ୟ । ଏଥିରେ ବହୁ ମସଲା ସଂଯୋଗ କରାଯାଇଥାଏ । ରଜୋବତୀ କନ୍ୟମାନେ ରୋଷେଇବାସ ରେ ଭାଗ ନିଅନ୍ତି ନାହିଁ । ମାଆ ଭାଉଜ ଏଇମାନେ ତାଙ୍କ କନ୍ୟା ନଣନ୍ଦ ବା ଭଉଣୀମାନେ ଭୋଜନ ବ୍ୟବସ୍ଥା କରିଥାନ୍ତି । ପୁରୁଷମାନେ ତାସ ଖେଳ ସହିତ ଗ୍ରାମର ଯୁବକମାନେ ବାଗୁଡ଼ି ଖେଳର ପ୍ରତିଯୋଗିତାରେ ଭାଗ ନିଅନ୍ତି । ଯାହା ଏକ ବିଶେଷ ଉପଭୋଗ୍ୟ ଖେଳ । ହୁଣ୍ଡା ବାଗୁଡ଼ି, ପାହି ବାଗୁଡ଼ି ଯେଉଁଥିରେ ଦୁଇ ଦଳ ଯୁବକଙ୍କ ମଧ୍ୟରେ ଏକ ମେଳା ପଡ଼ିଆରେ ଯାଗାରେ ବା ନଦୀ ବାଲିରେ ଖେଳଟି ଲୋକଙ୍କ ମନୋରଞ୍ଜନ ପାଇଁ ପ୍ରଦର୍ଶନ ହୁଏ । ଡେଙ୍ଗୁରା ବଜାଇ ଖାସି ବାଜି ରଖି ଏ ଖେଳ ଅନେକ ସ୍ଥାନରେ ହୁଏ । ବାଗୁଡ଼ି ଖେଳରେ ଶକ୍ତି ପ୍ରଦର୍ଶନ ଏକ ବିଶେଷ ଘଟଣା, ବାଗୁଡ଼ି ଖେଳରେ ଦମ ରଖି କାଳି ଦିଆଯାଏ ନାହିଁ । ନିଶ୍ୱାସ ରୋକି ବା ଦମ ରଖିବାରେ କାଳି ଦେବା ଖେଳ କିତିକିତି କବାଡ଼ି ଏହି ଖେଳ ବି ଅନେକ ସ୍ତରରେ ହୋଇଥାଏ ।

ଅନେକ ସ୍ଥାନ ସାହିତ୍ୟ ଚର୍ଚ୍ଚା ଓ ଧର୍ମୀୟ ଅନୁଷ୍ଠାନ ସମ୍ବନ୍ଧ ଠିଆପାଲା ଲଢ଼େଇ ପାଲା କରାଯାଏ । ପ୍ରାଚୀନ କବିଙ୍କ ଲେଖା ଶାସ୍ତ୍ର ପୁରାଣକୁ ବିଶେଷ ରଙ୍ଗ ଦେଇ ପାଲା ଗାୟକ ମାନେ ଲୋକ ଆଗରେ ପରିବେଷଣ କରି ମନୋରଞ୍ଜନ ଓ ଧର୍ମଜ୍ଞାନ ଶିକ୍ଷା ଦାନ କରାଉଥିଲେ । ରଜ ପର୍ବ ଏକ ଓଡ଼ିଆ ପର୍ବ । ଓଡ଼ିଶା ବାହାରେ ରହିବା ବୃତିଧନ୍ଦାରେ ନିୟୋଗ ବ୍ୟକ୍ତିମାନେ ଛୁଟି କଟାଇବାକୁ ଘରକୁ ଆସିଥାନ୍ତି । ଜ୍ଞାତିଜନ ମିଳନ ଧୁମଧାମରେ ଭୋଜନ ମନୋରଞ୍ଜନ ଏପରି ଚାରି ଦିନ କଟିଯାଏ । ତାପରେ ଆସେ ସବୁ ଦିନିଆଁ ରୁଟିନ କାର୍ଯ୍ୟ । ଚାଷ ଭିତିକ ଜୀବିକାଧାରୀଙ୍କର ଏ ପର୍ବ ବାର୍ଷିକ ଆନନ୍ଦର ପର୍ବ । ଜଣେ ଝିଅ ଜୀବନ କାଳରେ ପିତ୍ରାଳୟରେ ବିଶେଷ ଅୟସ କେଇଟି ରଜପର୍ବ ପାଳନ ପ୍ରକୃତ ଆନନ୍ଦମୟ ସ୍ୱାଧୀନ ଜୀବନର ସମୟ ଥାଏ । ମାଆ କାମାକ୍ଷାଙ୍କ ଅମ୍ବୁବାଚୀରେ ମନ୍ଦିରରନ୍ଧରେ ରଜସ୍ରାବର ଗୁପ୍ତ ସେବା ହୁଏ । ଏଇ ସେହି ରଜପର୍ବ । ଯଦି ବର୍ଷା ଭାରତରେ ସବୁଠାରୁ ଅଧିକ ହୁଏ ଏହି ଅଖଣ୍ଡ ଆସାମ ଅ*ଳରେ ପୂର୍ବେ ଚେରାପୁଞ୍ଜି ଡାକ ଥିଲା ଏବେ ମେଘାଳୟ । ପୃଥିବୀ ରଜସ୍ୱଳା ପରେ ଫସଲ ସ୍ରଷ୍ଟାରେ ମାନବକୁ ଅନ୍ନଯୋଗାଣ ପାଇଁ ଫସଲ ଅଜାଡ଼ି ଦିଅନ୍ତି ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ,*
*କଟକ, ଦୂରଭାଷ :*
*୯୪୩୭୦୩୧୨୫୩*



ସେଇଠୁ ଆରମ୍ଭ
SEITHO ARAMBHA



ଶୁକ୍ରବାର, ୧୨ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭


# ଖାରଡା ପଂଚାୟତରେ ଥିବା ଗେଲ ଇଣ୍ଡିଆ ଲିମିଟେଡ କମ୍ପାନୀ ପରିଦର୍ଶନ କଲେ ବିଧାୟକ ରୁପେଶ ପାଣିଗ୍ରାହୀ



ପାରଳାଖେମୁଣ୍ଡି, ୧୧/୦୬ (ଆ.ପ୍ର) : ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ ଖରଡା ପଂଚାୟତ ଗାଇବା ଯିବା ରାସ୍ତା ରେ ଥିବା ଗେଲ ଇଣ୍ଡିଆ ଲିମିଟେଡ କମ୍ପାନୀ ପରିଦର୍ଶନ କଲେ ମାନ୍ୟବର ପାରଳା ବିଧାୟକ ରୁପେଶ ପାଣିଗ୍ରାହୀ । ପ୍ରଥମେ ଗେଲ ଇଣ୍ଡିଆ ଲିମିଟେଡ କମ୍ପାନୀ ମ୍ୟାନେଜର ପି. ଅଭିରାମ ବିଧାୟକ ଙ୍କୁ ଫୁଲ ତୋଡା ଦେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ପରେ କମ୍ପାନୀ ପରିସର ମଧ୍ୟରେ ଥିବା ସମସ୍ତ ଯନ୍ତ୍ରପାତି କିଭଳି କାର୍ଯ୍ୟକାରୀ ବିଧାୟକଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ, ଏହି କମ୍ପାନୀ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ପ୍ରଥମେ ରାୟଗଡ଼ା ଠାରେ ଥିବା ନାଲକୋକୁ ପାଇପ ମାଧ୍ୟମ ରେ ଗ୍ୟାସ ଯୋଗାଇବ । ପରେ ଜନସାଧାରଣ ପାଇଁ ମେଡ଼ିକାଲ ଛକ ଠାରେ ଥିବା ଗେଲ ଇଣ୍ଡିଆ ଲିମିଟେଡ ଜରିଆରେ ସମସ୍ତ ଘରେ ପାଇପ ମାଧ୍ୟମରେ ଗ୍ୟାସ ଯୋଗାଇଦିଆଯିବ ବୋଲି ଗେଲର ମ୍ୟାନେଜର ଜଣାଇଛନ୍ତି । ବିଧାୟକ ଏହିସବୁ କାର୍ଯ୍ୟ ତୁରନ୍ତ କାର୍ଯ୍ୟ ସାରି ଜନସାଧାରଣ ଘରେ ଘରେ ପହଂଚିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଗେଲ ଇଣ୍ଡିଆ ଲିମିଟେଡ କମ୍ପାନୀ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେଲେ ପାଇପ ମାଧ୍ୟମ ରେ ଗ୍ୟାସ ପ୍ରାୟ ଦକ୍ଷିଣ ଓଡ଼ିଶା ସହ ଆନ୍ଧ୍ର ପ୍ରଦେଶ ର ଶ୍ରୀକାକୁଳମ ପର୍ଯ୍ୟନ୍ତ ସୁବିଧା ପାଇପାରିବେ ଉପଭୋକ୍ତା ମାନେ, ଏହି ଭଳି ଉଛଧରଣ ର କାର୍ଯ୍ୟ କରିଥିବାରୁ ଗେଲ ଇଣ୍ଡିଆକୁ ଧନ୍ୟବାଦ୍ ଜଣାଇଛନ୍ତି ବିଧାୟକ ।

# ପ୍ରାକ୍ତନ ସେବା ସମବାୟ ସଭାପତି ବାଣୀ କଲ୍ୟାଣ ମହାପାତ୍ରଙ୍କ ଦେହାନ୍ତ



ଭଦ୍ରକ, ୧୧/୦୬ (ଆ.ପ୍ର) : କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ନାତି ଓ ସ୍ୱାଧୀନତା ସଂଗ୍ରାମୀ ଗୌରଚନ୍ଦ୍ର ମହାପାତ୍ରଙ୍କ ପୁଅ ସମାଜିକ କର୍ମୀ, ଐତିହାସିକ କାଳୀମେଘା ମେଳଣ କମିଟିର ସଭାପତି, ପ୍ରାକ୍ତନ ସେବା ସମବାୟ ସଭାପତି ତଥା ଜଣେ ମେଳାପୀ ବ୍ୟକ୍ତିତ୍ୱ ବାଣୀ କଲ୍ୟାଣ ମହାପାତ୍ର (ଗୁଟୁ ଭାଇ)ଙ୍କର ଗତକାଲି ଭୋର ୩ ଟା ସମୟରେ ଦେହାନ୍ତ ହୋଇଯାଇଛି । ତାଙ୍କୁ ତାଙ୍କ ଭଦ୍ରକର ନୂଆ ବଜାରର ଘର, ଗାଁ ତିହିଡି ବ୍ଲକର ତାଳପଦାକୁ ନିଆ ଯାଇ ଶେଷରେ ପୁରୀ ସ୍ୱର୍ଗଦ୍ୱାରରେ ଆଜି ଶେଷ କୃତ୍ୟ ସମ୍ପର୍ଣ୍ଣ କରାଯାଇଛି । ବଡ଼ ଭାଇ ଖବରଦାତା ଗୁରୁ କଲ୍ୟାଣ ମହାପାତ୍ର, ପ୍ରଭୁ କଲ୍ୟାଣ ମହାପାତ୍ର ସାନଭାଇ ଉମାକଲ୍ୟାଣ ମହାପାତ୍ରଙ୍କ ସମେତ ସମସ୍ତ ଭାଇ, ପତ୍ନୀ ଓ ସପରିବାର, ବନ୍ଧୁବାନ୍ଧବ ଓ ଆତ୍ମିୟସ୍ୱଜନ ଉପସ୍ଥିତ ଥିଲେ ତାଙ୍କ ମୃତ୍ୟୁ ରେ ଖାଲି ଗାଁ ତାଳପଦା ନୁହଁ, ତିହିଡି ଓ ଭଦ୍ରକ ସହରରେ ଶୋକର ଛାୟା ଖେଳି ଯାଇଛି ।

# ରାମନାଗୁଡ଼ାରେ ଏସଆଇଆର-୨୦୨୬ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କଲେ ଜିଲ୍ଲାପାଳ



ରାୟଗଡ଼, ୧୧/୦୬ (ଆ.ପ୍ର) : ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଆଜି ରାମନାଗୁଡ଼ା ବ୍ଲକ ଗସ୍ତ କରି ଏସଆଇଆର-୨୦୨୬ ଅନ୍ତର୍ଗତ ଚାଲିଥିବା ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ । ଗସ୍ତ ସମୟରେ ଜିଲ୍ଲାପାଳ କ୍ଷେତ୍ରସ୍ତରରେ କାର୍ଯ୍ୟାନ୍ୱୟନର ସ୍ଥିତି ପରିଦର୍ଶନ କରିବା ସହ ନିର୍ବାଚନ ପ୍ରକ୍ରିୟା ସହ ଜଡ଼ିତ ବିଭିନ୍ନ ଦିଗ ଉପରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ବିଶେଷକରି ଏନ୍ୟୁମେରେସନ ଫର୍ମ ବଂଟନ, ତଥ୍ୟର ଡିଜିଟାଇଜେସନ ଏବଂ ଭୋଟର ସଚେତନତା କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ସମୀକ୍ଷା ବୈଠକରେ ଗୁଣପୁର ଉପ-ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପ ଏବଂ ରାମନାଗୁଡ଼ା ଏଇଇଆରଓ ତଥା ବିଡିଓ ପ୍ରଦ୍ୟୁମ୍ନ ମଣ୍ଡଳ ଉପସ୍ଥିତ ରହି ଚାଲିଥିବା କାର୍ଯ୍ୟଗୁଡ଼ିକର ସ୍ଥିତି ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । ସମୀକ୍ଷା ବୈଠକରେ ଏସଆଇଆର-୨୦୨୬ ପ୍ରକ୍ରିୟାର ସମୟାନୁବର୍ତ୍ତୀ, ତ୍ରୁଟିମୁକ୍ତ ଓ ଗୁଣାତ୍ମକ କାର୍ଯ୍ୟାନ୍ୱୟନ ଉପରେ ଜିଲ୍ଲାପାଳ ବିଶେଷ ଗୁରୁତ୍ୱ ଦେଇଥିଲେ । ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସଫଳତାର ସହ ସମ୍ପନ୍ନ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

# ଅବକାରୀ ଚଢ଼ାଉ ମଦ ସହିତ ୪ଗିରଫ



ଟାଙ୍ଗୀ ଚୌଦ୍ୱାର, ୧୧/୦୬ (ଆ.ପ୍ର) : ଅବକାରୀ ସୁପେରିଂଟେଣ୍ଡେଂଟଙ୍କ ନିର୍ଦ୍ଦେଶରେ ଚୌଦ୍ୱାର ଅବକାରୀ ଥାନା ତରଫରୁ ଲକ୍ଷଣପୁର ଚୌଦ୍ୱାର ମୁଣ୍ଡମାଳ, ମଙ୍ଗୁଳି, ଜଗତପୁର ଆଦି ଅଂଚଳରେ ଚଢ଼ାଉ କରି ୮୫ ଲିଟର ଦେଶୀ ମଦ ସହିତ ୪ଜଣଙ୍କୁ ଗିରଫ କରାଯାଇଛି ବୋଲି ଅବକାରୀ ଇନ୍ସପେକ୍ଟର କହିଛନ୍ତି । ଏହି ଚଢ଼ାଉରେ ଚୌଦ୍ୱାର ଅବକାରୀ ଥାନାର ଇନସ୍ପେକଟର ଭକ୍ତ ବତ୍ସଳ ବର୍ମା, ଆଶୁତୋଷ ଜେନା, ସୁନୀଲ ବଳ, ରାଜକୃଷ୍ଣ ବିଶ୍ୱାଳ, ଲକ୍ଷ୍ମଣ ବେହେରା, ଗୀତାଞ୍ଜଳି ବେହେରା ପ୍ରମୁଖ ସାମିଲ ରହିଥିଲେ । ଆସାମୀ ମାନଙ୍କ ବିରୁଦ୍ଧରେ ଅବକାରୀ ମାମଲା ରୁଜୁ କରାଯାଇ ଅଛି ।ଆସାମୀ ମାନଙ୍କର ନାମ ଯଥାକ୍ରମେ ମଙ୍ଗୁଳିର ତପନ ନାୟକ, ମୁଣ୍ଡମାଳର ସୁଧୀର ନାୟକ, ନିମପୁର ଦାମୋଦର ନାୟକ ଓ ସନ୍ତୋଷ ପ୍ରଧାନ ବୋଲି ଜଣା ପଡ଼ିଛି ।

# ଅସ୍ମିତା ସାଇକେଲ ଲିଗ୍ ଉଦଯାପିତ



ବରୀ, ୧୧/୦୬ (ଆ.ପ୍ର) : ବିଶ୍ୱ ସାଇକେଲ ଦିବସ କାର୍ଯ୍ୟକ୍ରମ ବରୀ ବ୍ଲକ୍ ରତ୍ନଗିରି ପଂଚାୟତ କେଲୁଅ ଛକ ଠାରେ ଅନୁଷ୍ଠିତ ହୋଇଥିଲା । ସାଇକେଲ କରି ପିଲା ମାନେ କିଭଳି ନିଜକୁ ସୁସ୍ଥ ରଖିପାରିବେ ଏବଂ ଏଥିରେ ଅଧିକରୁ ଅଧିକ ପିଲାଙ୍କୁ ଆକୃଷ୍ଟ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ବରୀ ଅଂଚଳ ର ବହୁ ଛାତ୍ରୀ ଏଥି ରେ ଅଂଶଗ୍ରହଣ କରି ସାଇକେଲ ଚଳାଇ ବାଲିକୁଦା ଛକ ପର୍ଯ୍ୟନ୍ତ ଯାଇ ଲୋକମାନଙ୍କୁ ସାଇକେଲ ଚାଳନାର ଉପାଦେୟତା ଓ ସାଇକେଲ ଚଳାଇ ଶରୀରକୁ ସୁସ୍ଥ ରଖିବା କ୍ଷେତ୍ରରେ ସଚେତନ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରୀ-ରାମଚନ୍ଦ୍ରପୁର ଥାନା ଏଏସ୍ଇ ଲମ୍ବୋଧର ଜେନା, ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ସେନା କର୍ମଚାରୀ ଅକ୍ଷୟ କୁମାର ନାଥ, ସମାଜସେବୀ ସଞ୍ଜୟ ଖୁଂଟିଆ,ପ୍ରତାପ ଘଡ଼େଇ, ମମୀ ଭୂଇଁଆ, ଅମୂଲ୍ୟ ମଲ୍ଲିକ ଓ ରତ୍ନଗି ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ମଧୁସ୍ମିତା ଜେନା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଙ୍କୁ ଉତରୀୟ, ପୁଷ୍ପଗୁଚ୍ଛ ଓ ମାନ ପତ୍ର ପ୍ରଦାନ କରାଯାଇଥିଲା, କ୍ରୀଡା ପ୍ରଶିକ୍ଷକ ତାଜ ଉଦୀନ୍ ଖାନ୍‌ଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମର ଅନୁଷ୍ଠିତ ହୋଇଥିଲା ।

# ରବିଧାନ ଉଠାଣ ରେ ବିଳମ୍ବ ଚାଷୀ ମାନଙ୍କ ଜାତୀୟ ରାଜପଥ ଅବରୋଧ



କଳାହାଣ୍ଡି, ୧୧/୦୬ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଏମ, ରାମପୁର ବ୍ଲକର ଅଳାପାଲି ଓ ବମକ ମଣ୍ଡିରେ ଚାଷୀଙ୍କ ଚିନ୍ତା ବଢ଼ାଇଛି ଧାନ ଉଠାଣର ବିଳମ୍ବ । ମଣ୍ଡିରେ ୧୦ ହଜାରରୁ ଅଧିକ କ୍ୱିଂଟାଲ ଧାନ ପଡ଼ି ରହିଥିବା ବେଳେ କାଳବୈଶାଖୀର କରାଳ ରୂପ ଅସମୟ ବର୍ଷାରେ ଧାନ ଭିଜି ନଷ୍ଟ ଧାନରେ ଗଜା ହୋଇଗଲାଣି । ମିଲର, ସମବାୟ ସମିତି କିମ୍ବା ଯୋଗାଣ ବିଭାଗର କୌଣସି ଅଧିକାରୀଙ୍କ ଦେଖା ନ ମିଳିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ନିଜର କଷ୍ଟାଉପାର୍ଜିତ ଫସଲର ସୁରକ୍ଷା ଓ ଶୀଘ୍ର ଉଠାଣ ଦାବି କରି ଆଜି ଶହଶହ ଚାଷୀ ଗୋପାଳ ପୁର ରାୟପୁର ୫୯ ନମ୍ବର ଜାତୀୟ ରାଜପଥ ରେ ଆଜି ସକାଳ ୬ ଟା ରୁ ଧାନ ବସ୍ତା ରଖି ଶାନ୍ତି ଶୃଙ୍ଖଳା ରକ୍ଷା କରି ରାସ୍ତା ଅବରୋଧ କରିଛନ୍ତି । ଫଳରେ ଶହଶହ ଯାନବାହନ ରାସ୍ତା କଡ଼ ରେ ଅଟକି ରହିଛି । ଯାତ୍ରୀ ମାନଙ୍କ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏମ, ରାମପୁର ବ୍ଲକ କଂଗ୍ରେସ ସଭାପତି ରୁଦ୍ର ପ୍ରତାପ ସିଂହ, ଚାଷୀ ନେତ ତ୍ରୁମ୍ବେଶ୍ୱର ସାହୁ, ନିଗମାନନ୍ଦ ସାହୁ, ଖିରସାଗର ସାହୁ, ମିନକେତନ ସାହୁ, ଶତ୍ରୁଘ୍ନ ସାହୁ, ଝସକେତନ ସାହୁ ପ୍ରମୁଖ ଶହଶହ ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଗଛରେ ପିଟିହୋଇ ଯୁବକଙ୍କ ମୃତ୍ୟୁ



ଦଶପଲ୍ଲା, ୧୧/୦୬ (ଆ.ପ୍ର) : ଦଶପଲ୍ଲା - ଭଞ୍ଜନଗର ରାସ୍ତାରେ ବୁଧବାର ଦିନ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ୨୬ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଲେ ରୁଢ଼ାପଦର ଗ୍ରାମର ବିପ୍ର ମଲିକଙ୍କ ପୁଅ ପବିତ୍ର ମଲିକ ( ୨୬ ବର୍ଷ ) ବୋଲି ଜଣାପଡିଛି । ସୂଚନା ଅନୁଯାୟୀ, ପବିତ୍ର ପୁଟୁବାରୀ ଗ୍ରାମକୁ ଏକ ଶୁଦ୍ଧିକ୍ରିୟା କାର୍ଯ୍ୟ ସମାପ୍ତ କରି ସେଠାରୁ ନିଜ ଗ୍ରାମକୁ ଫେରୁଥିବା ସମୟରେ, ଦଶପଲ୍ଲା -ଭଞ୍ଜନଗର ରାସ୍ତାର ଘୁଗୁଡୁ ଠାରେ ବାଇକଟି ନିୟନ୍ତ୍ରଣ ହରାଇ ଏକ ଗଛରେ ଧକ୍କା ହୋଇଥିଲା । ଖବର ପାଇ ୧୦୮ ଆମ୍ବୁଲାନ୍ସ ଘଟଣା ସ୍ଥଳରେ ପହଂଚି ପବିତ୍ରଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ । ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ପୋଲିସ ଘଟଣା ସ୍ଥଳରେ ପହଂଚି ଶବକୁ ଜବତ କରିବା ସହିତ ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ଦୁଃଖର ବିଷୟ ପବିତ୍ର ଙ୍କର ୨ବର୍ଷର ଏକ ଶିଶୁ ପୁତ୍ର ଥିବା ଜଣାପଡିଛି । ଏହି ଅକାଳ ବିୟୋଗରେ ସ୍ଥାନୀୟ ଅଂଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି ।

# ଅଭିଲେଖାକୁ ସ୍ୱୀକୃତି ଆବଶ୍ୟକ : ଯୁବ ଗବେଷକ ବିଷ୍ଣୁ ମୋହନ ଅଧିକାରୀ



ପାରଳାଖେମୁଣ୍ଡି, ୧୧/୦୬ (ଆ.ପ୍ର) : ଆନ୍ତର୍ଜାତୀୟ ଅଭିଲେଖା ଦିବସ ଅବସରରେ ଆଗକୁ ଆସୁଥିବା ଅଭିଲେଖାବିତ୍‌ଂକୁ ସ୍ୱୀକୃତି ମିଳୁନି । ଐତିହ ମାଟି ପୁରୀରେ ରହିଛି ୭୦ରୁ ଉର୍ଦ୍ଧ୍ୱ ଶୀଳାଳେଖା ପ୍ରତୀକ ଛବି । ତାକୁ ମୁଖ୍ୟସ୍ରୋତକୁ ଆଣିବାପାଇଁ ପ୍ରୋତ୍ସାହନ ମିଳୁନାହିଁ । ଏବେବି ପୁରୀରେ ବହୁସ୍ଥାନରେ ପ୍ରାଚୀନ ଅଭିଲେଖା ଶୀଳାଲେଖା ଓ ତାମ୍ର ସନନ୍ଦ ରୂପରେ ମହଜୁଦ ଅଛି । ଜିଲ୍ଲାସ୍ତରରେ ଏହି ଅଭିଲେଖା ସମୁଦାୟକୁ ଲୋକ ଲୋଚନରେ ଆଣିବାପାଇଁ ୨୦୧୯ରେ ଜିଲ୍ଲା ଅଭିଲେଖାଗାର ଘୋଷିତ ହେଲା । ତତ୍ ସଂଗେସଂଗେ ବ୍ଲକ ସ୍ତରରେ ମଧ୍ୟ ବ୍ୟାପକ କରିବାପାଇଁ ନିଷ୍ପତି ନିଆଯାଇଥିଲା । ଆନ୍ତର୍ଜାତୀୟ ଅଭିଲେଖା ଦିବସରେ ଏ ଦିଗରେ ମାନସମ୍ମାନ କରାଯିବା କଥା । କିନ୍ତୁ ଏଥିପ୍ରତି ଗୁରୁତ୍ୱ ଦିଆଯାଇନାହିଁ । ବ୍ୟକ୍ତିଗତ ଉଦ୍ୟମରେ ଗଜପତି ଜିଲ୍ଲାର ଯୁବ ଗବେଷକ ବିଷ୍ଣୁ ମୋହନ ଅଧିକାରୀ ପ୍ରାୟ ୨୩୦ରୁ ଉର୍ଦ୍ଧ୍ୱ ଶୀଳାଳେଖର ରୂପରେଖ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି । ସେ ଏ ଦିଗରେ ମହଜୁଦ ଅଭିଲେଖା ସମ୍ପର୍କରେ ଅନୁମତି ମାଗିଥିଲେ, ମାତ୍ର କୌଣସି କାରଣ ବଶତଃ ଅନୁମତି ମିଳିନାହିଁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପଦ୍ମଶ୍ରୀ ଡ.ସତ୍ୟନାରାୟଣ ରାଜଗୁରୁ ଓ ସ୍ନିଗ୍ଧା ତ୍ରିପାଠୀଂକ ପରେ ଆଉ କେହି ସେପରି ଆଗଭର ହୋଇନଥିଲେ । ପରନ୍ତୁ କର୍ପୋରେଟରେ ଚାକିରି ଛାଡି ନିଜକୁ ଐତିହାସିକ, ପ୍ରାଚୀନ ପୌରାଣିକ ଘଟଣାବଳୀ ଶୀଳାଲେଖା ଗୁଡିକୁ ଲୋକଲୋଚନରେ ଆଣିବାକୁ ଉଦ୍ୟମ କରି ସଫଳ ହୋଇଥିଲେ । ସେ କହିଛନ୍ତି ଯଦି ସୁଯୋଗ ମିଳେ ପୁରୀରେ ପଥର ସମେତ ତମ୍ବା ପଟା ଏବଂ ସମୁଦ୍ରକୂଳରେ ମିଳୁଥିବା ଟେରାକୋଟା ମୁଦ୍ରା ଅଭିଲେଖା ଗୁଡିକୁ ପ୍ରଚାରପ୍ରସାର ଦିଗରେ ଉଦ୍ୟମ କରିବେ । ସରକାରୀ ପ୍ରୋତ୍ସାହନ ମିଳିଲେ ଏକ ଗ୍ରନ୍ଥ ସେଦିଗରେ ଲିପିବଦ୍ଧ ହୋଇପାରିବ । ଓଡିଶାର ବିଭିନ୍ନ ଜିଲ୍ଲାର କୋଣ ଅନୁକୋଣରୁ ମଧ୍ୟ ଏ ଦିଗରେ ଆବିଷ୍କାର କରାଯାଇ ପିଲାଂକ ପାଠ୍ୟପୁସ୍ତକରେ ମଧ ସେମାନଂକୁ ଏ ଦିଗରେ ଅଧିକ ଜ୍ଞାନ ଆହରଣର ସୁଯୋଗ ଦେବ, ସେ କହିଛନ୍ତି ।

# ମାଓବାଦୀଙ୍କ ଗୁପ୍ତ ଡମ୍ପ ଠାବ, ଅସ୍ତ୍ରଶସ୍ତ୍ର ଓ ବହୁ ମାଓ ସାମଗ୍ରୀ ଜବତ



ବାଲିଗୁଡା, ୧୧/୦୬ (ଆ.ପ୍ର) : ସମଗ୍ର କନ୍ଧମାଳ ଜିଲ୍ଲା ମାଓମୁକ୍ତ ହେବା ପରେ ମଧ୍ୟ ପୋଲିସର ସର୍ଚ୍ଚ ଅପରେସନ ଜାରି ରହିଛି, ଏହି ପରିପ୍ରେକ୍ଷୀରେ ଆତ୍ମସମର୍ପଣ କରିଥିବା ନକ୍ସଲ ମାନଙ୍କୁ ନିରନ୍ତର ପଚରାଉଚରା କରିବା ପରେ କନ୍ଧମାଳ ପୋଲିସ ଏକ ଗୁପ୍ତ ଡମ୍ପ ସମ୍ପର୍କରେ ସୂଚନା ପାଇଥିଲା । ଉକ୍ତ ସୂଚନା ଆଧାରରେ କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ପୋଲିସ ଷ୍ଟେସନ ଅଂଚଳର ଗଙ୍ଗାପଦର, କୋଡାମାହା, ପାଜିମାହା, ଟେଙ୍ଗେରୀ ଏବଂ ବାଲିମାହା ଅଂଚଳରେ ୯ଟି ଏସ ଓଜି ଦଳ ଏବଂ ଗୋଟିଏ ଡିଭିଏଫ ଦଳ ବ୍ୟବହାର କରି ଏକ ବହୁ-ପକ୍ଷୀୟ ଅପରେସନ୍ ଆରମ୍ଭ କରାଯାଇଥିଲା । ସର୍ଚ୍ଚ ଅପରେସନ୍ ସମୟରେ ପୋଲିସ ଦଳଗୁଡ଼ିକ ଡମ୍ପିଂ ସ୍ଥାନଗୁଡ଼ିକୁ ଠାବ କରିଥିଲେ । ଏହା ପରେ ସମସ୍ତ ଆବଶ୍ୟକୀୟ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରି ବୋମା ନିଷ୍କ୍ରିୟକାରୀ ଦଳ ସମ୍ଭାବ୍ୟ ଆଇ ଇ ଡି ଲଗାଣକୁ ରୋକିବା ପାଇଁ ସେହି ଅଂଚଳର ଏକ ବ୍ୟବସ୍ଥିତ ସନ୍ଧାନ କରି ମାଓବାଦୀ ସାମଗ୍ରୀ ଗୁଡ଼ିକୁ ସଫଳତାର ସହ ଉଦ୍ଧାର କରିଥିଲେ । ସେଥି ମଧ୍ୟରେ ଗୋଟିଏ ଏସ ଏଲ ଆର ବନ୍ଧୁକ, ଦୁଇଟି ଏସବିଜିଏଲ ବନ୍ଧୁକ, ଗୋଟିଏ ଦେଶୀ ନିର୍ମିତ ୟୁଜିବି ଏଲ ବନ୍ଧୁକ, ୩୦ଟି ଇଲେକ୍ଟ୍ରିକ୍ ଡେଟୋନେଟର, ଗୋଟିଏ ବଣ୍ଡଲ୍ କୋଡେକ୍ସ ତାର, ୧୦ଟି ଏସ ବି ଜି ଏଲ ଗ୍ରେନେଡ୍, ଗୋଟିଏ ଏସ ଏଲ ଆର ପତ୍ରିକା, ୧୬ ଟି ଏସ ଏଲ ଆର ବଲ୍ ଗୋଳାବାରୁଦ, ୪ ଯୋଡି ସିଭିଲ୍ ପୋଷାକ, ୪ ଯୋଡି ସ୍ଲିପର୍, ଦୁଇଟି ପ୍ଲାଷ୍ଟିକ୍ ଡ୍ରମ୍, ୨ ଟି ଛତା, ଦୁଇଟି ଟିଫିନ୍ କ୍ୟାରେଜ୍, ୦୪ କେଜି ଡାଲି, ଗୋଟିଏ ମେଡିସିନ୍ କିଟ, ଗୋଟିଏ ଚିନି ପରୀକ୍ଷା କିଟ୍, ୭ଟି ପେନସିଲ ବ୍ୟାଟେରୀ, ଦୁଇଟି ସାବୁନ୍ କେସ୍, ଗୋଟିଏ ପାଓ୍ୱାର ବ୍ୟାଙ୍କ, ୪ ପ୍ୟାକେଟ୍ ଲୁଣ, ୩ ପେକେଟ ଟାଟା ଚା, ଏବଂ ଦୁଇ ବୋତଲ କେଶ ତେଲ ଭଳି ବିଭିନ୍ନ ସାମଗ୍ରୀ ଉଦ୍ଧାର କରାଯାଇଛି । ଉଦ୍ଧାର ହୋଇଥିବା ସମସ୍ତ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଏବଂ ଅନ୍ୟାନ୍ୟ ଅପରାଧ ମୂଳକ ସାମଗ୍ରୀ ଗୁଡିକ ମାଓବାଦୀଙ୍କର ହିଁ ଥିଲା । ମାନ୍ୟବର କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟ ତାରିଖ ଅନୁଯାୟୀ ସମଗ୍ର କନ୍ଧମାଳ ଜିଲ୍ଲା ଚଳିତ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ନକ୍ସଲ ମୁକ୍ତ ହୋଇସାରିଛି । କନ୍ଧମାଳ ଜିଲ୍ଲାରେ ୨୦୨୫ ମସିହା ଜାନୁଆରୀ, ୨୦୨୬ ମସିହା ମାର୍ଚ୍ଚରେ ଏବଂ ୨୦୨୫ ମସିହା ଡିସେମ୍ବର ରେ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେଙ୍କ ସମେତ ସୁରକ୍ଷା ବାହିନୀ ସହ ଗୁଳି ବିନିମୟରେ ୧୦ ଜଣ ନକ୍ସଲ ନିହତ ହୋଇଥିଲେ ଏବଂ ରାଜ୍ୟ କମିଟି ସଦସ୍ୟ ସୁକ୍ରୁ ଏବଂ ନିତୁଙ୍କ ସମେତ ୨୪ ଜଣ ନକ୍ସଲ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ । ଭବିଷ୍ୟତ ରେ ମାଓ କାର୍ଯ୍ୟକଳାପର ପୁନରାବୃତିକୁ ରୋକିବା ପାଇଁ ଡମ୍ପ ଗୁଡ଼ିକରେ ଲୁଚାଇ ରଖାଯାଇଥିବା ମାଓବାଦୀଙ୍କ ଅସ୍ତ୍ରଶସ୍ତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ ଚିହ୍ନଟ ଏବଂ ଉଦ୍ଧାର କରିବା ପାଇଁ ଏସଓଜି, ଡିଭିଏଫ, ସିଆରପି ଏଫ ଏବଂ ବି ଏସ ଏଫ ପୋଲିସ ସମଗ୍ର ଜିଲ୍ଲାର ବିଭିନ୍ନ ଅଂଚଳରେ ନିୟମିତ ଭାବରେ କମ୍ବିଂ ଏବଂ ସର୍ଚ୍ଚ ଅପରେସନ୍ କରାଯାଉଥିବା ବିଷୟ କନ୍ଧମାଳ ଏସପି ରମେନ୍ଦ୍ର ପ୍ରସାଦ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

# ସହରାଂଚଳ ଜନସମ୍ପର୍କ ଓ ନାଗରିକ ଭାଗୀଦାରୀ କାର୍ଯ୍ୟକ୍ରମ ଆରମ୍ଭ



ଦଶପଲ୍ଲା, ୧୧/୦୬ (ଆ.ପ୍ର) : ଦଶପଲ୍ଲା ଏନଏସି ପକ୍ଷରୁ ଆରମ୍ଭ ହୋଇଛି 'ସହରାଂଚଳ ଜନସମ୍ପର୍କ ଓ ନାଗରିକ ଭାଗୀଦାରୀ କାର୍ଯ୍ୟକ୍ରମ' । ପ୍ରଥମ ଦିନରେ ୧ ନମ୍ବର ଓ ୧୦ ନମ୍ବର ୱାର୍ଡରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଇତ୍ୟବସରରେ ସରକାରଙ୍କ ବିଭିନ୍ନ ଯୋଜନାର ସମ୍ବନ୍ଧରେ ଜନସାଧାରଣଙ୍କୁ ସବିଶେଷ ଅବଗତ କରାଯଇଥିଲା । ବିଶେଷ କରି ସହରର ବିକାଶ ପ୍ରକ୍ରିୟାରେ ନାଗରିକମାନଙ୍କର ସକ୍ରିୟ ଭାଗୀଦାରୀ ଉପରେ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା । ୧ନମ୍ବର ଏବଂ ୧୦ନମ୍ବର କାଉନସିଲରଙ୍କ ପ୍ରଚେଷ୍ଟାରେ ଏନ୍ଏସି ଅଧକ୍ଷା ପୁନମ୍ ପ୍ରିୟଦର୍ଶିନୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଉପାଧକ୍ଷ କିଶୋର ଚନ୍ଦ୍ର ଦାଶ, ଓ ଏନ୍ଏସି କର୍ମଚାରୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ସୁଚନା ଯୋଗ୍ୟ ଯେ, ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ୱାର୍ଡରେ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

# ସରପଂଚଙ୍କ ଗୁଣ୍ଡାରାଜ, ଥାନାରେ ମାମଲା ରୁଜୁ

ଧାମନଗର, ୧୧/୦୬ (ଆ.ପ୍ର) : ଧାମନଗର ବ୍ଲକରେ ଜନପ୍ରତିନିଧି ଙ୍କ ଦାଦାଗିରି ଚରମ ସୀମାରେ ପହଂଚିଛି । ରାଧାବଲ୍ଲଭପୁର ପଂଚାୟତର ସରପଂଚ ପ୍ରୀତମ ଦାସ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହ ଜଣେ ଜଳସମ୍ପଦ ବିଭାଗର କର୍ମଚାରୀଙ୍କୁ ଅମାନୁଷିକ ଭାବେ ମାଡ଼ପିଟ କରିବା ଏବଂ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଭଳି ଏକ ସଙ୍ଗୀନ ମାମଲା ସାମ୍ନାକୁ ଆସିଛି । ସୁଚନା ଥାଉକି ଗତ ୮ ଜୁନ୍ (୨୦୨୬) ସକାଳ ପ୍ରାୟ ୯:୧୦ ସମୟରେ ଭଣ୍ଡାରିପୋଖରୀ ଜଳସେଚନ ବିଭାଗର ଅଫିସ କର୍ମଚାରୀ ରବୀନ୍ଦ୍ର କୁମାର ଲେଙ୍କା ପଣ୍ଡୁ ବଜାର ୪ ନମ୍ବର କେନାଲ ନିକଟସ୍ଥ ମାଙ୍କିଡ଼ିଆ ଠାରେ ସରକାରୀ ଦାୟିତ୍ୱ ସମ୍ପାଦନ କରୁଥିଲେ । ଏହି ସମୟରେ ସସରକାରୀ ଦଳର ସରପଂଚ ପ୍ରୀତମ ଦାସ ସେଠାରେ ପହଂଚି ବେଆଇନ ଭାବେ କାର୍ଯ୍ୟ ବନ୍ଦ କରିବାକୁ ଧମକ ଦେଇଥିଲେ । ରବୀନ୍ଦ୍ର ଏହାକୁ ବିରୋଧ କରିବାରୁ ସରପଂଚ ଉଗ୍ରରୂପ ଧାରଣ କରି ତାଙ୍କୁ ସର୍ବସମ୍ମୁଖରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଶାରୀରିକ ଭାବେ ଆକ୍ରମଣ ଓ ମାଡ଼ପିଟ କରିଥିଲେ । ଏପରିକି ସେଠାରୁ ନ ଗଲେ ଜୀବନରୁ ମାରିଦେବାକୁ ମଧ ଧମକ ଦେଇଥିଲେ ।ଏହି ଘଟଣାକୁ ନେଇ ଭଣ୍ଡାରିପୋଖରୀ ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ କିରଣବାଳା ପରିଡ଼ା ଧାମନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ସରପଂଚଙ୍କ ବିରୋଧରେ କେସ ନମ୍ବର ୨୫୪ (ତା ୦୮/୦୬/୨୦୨୬) ରୁଜୁ କରି ହୋଇଥିବା ବେଳେ ଅପର ପକ୍ଷେ ପ୍ରୀତମ ଦାସଙ୍କ ଅଭିଯୋଗ କ୍ରମେ ଥାନା କେଶ ନମ୍ବର୍ ୨୫୫/୨୬ରେ ମଧ ମାମଲା ରୁଜୁ କରି ପୋଲିସ ଉଭୟ ପକ୍ଷ ଘଟଣାର ତଦନ୍ତ କରୁଛି । ସୂଚନାଯୋଗ୍ୟ ଯେ ସରପଂଚ ପ୍ରୀତମ ଦାସଙ୍କ ଏଭଳି ଆଇନ ହାତକୁ ନେବା ପ୍ରଥମ ଘଟଣା ନୁହେଁ । ଏହା ପୂର୍ବରୁ ମଧ ତାଙ୍କ ନାମରେ ଧାମନଗର ଥାନାରେ ଏକାଧିକ ସଙ୍ଗୀନ ମାମଲା ରହିଛି । ଯାହା ବର୍ତମାନ ସ୍ଥାନୀୟ କୋର୍ଟରେ ବିଚାରାଧୀନ ଅଛି । ସେଗୁଡ଼ିକ ମଧ୍ୟରେ ୨୦୨୪ ମସିହାର ବେଆଇନ ଅଟକ ଓ ଅପରାଧିକ ଧମକ ମାମଲା (ରଓଜ ଘକ୍ଟ-୪୦୪/୨୦୨୪) ଚୂଡ଼ାନ୍ତ ଫର୍ମ ପର୍ଯ୍ୟାୟରେ ଥିବା ବେଳେ, ୨୦୨୫ ମସିହାର ଅଶ୍ଳୀଳ ଗାଳିଗୁଲଜ ଓ ଜୀବନରୁ ମାରିବା ଧମକ ଭଳି ଆଉ ଏକ ଗୁରୁତର ମାମଲା (ରଓଜ ଘକ୍ଟ- ୧୨୭/୨୦୨୫) ବର୍ତମାନ କୋର୍ଟ ହାଜିରା (ଇକ୍ଟକ୍ଟରବକ୍ସବଭମର) ପର୍ଯ୍ୟାୟରେ ରହିଛି । ଏହି ଦୁଇଟିଯାକ ମାମଲାର ଶୁଣାଣି ଆସନ୍ତା ଜୁଲାଇ ଓ ଅଗଷ୍ଟ ମାସରେ ହେବାକୁ ଦିନ ଧାର୍ଯ୍ୟ ହୋଇଛି । ଜଣେ ଦାୟିତ୍ୱବାନ ଜନପ୍ରତିନିଧି ହୋଇ ବାରମ୍ବାର ଆଇନକୁ ଫୁ କରିବା ଏବଂ କର୍ତବ୍ୟରତ ସରକାରୀ କର୍ମଚାରୀଙ୍କ ଉପରକୁ ହାତ ଉଠାଇବା ଘଟଣାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଜନତା ତୀବ୍ର ନିନ୍ଦା କରିଛନ୍ତି । ଏହି ନୂତନ ମାମଲା ପରେ ପୋଲିସ ସରପଂଚଙ୍କ ବିରୋଧରେ କିଭଳି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି । ତେବେ ଘଟଣାର ତଦନ୍ତ ପରେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯିବବୋଲି ଥାନା ଅଧିକାରୀ ଶୁଭ୍ରଜିତ ଦାଶ କହିଛନ୍ତି ।

# ଆରଟିଆଇରେ ଧରାପଡ଼ିଲା ୫,୫୮୮ ଟଙ୍କାର ମନରେଗା ଖେଳ; ତଦନ୍ତ ବଦଳରେ ଅଭିଯୋଗକୁ ଡିସ୍ପୋଜ କଲେ ବିଡିଓ

କାକଟପୁର, ୧୧/୦୬ (ଆ.ପ୍ର) : ପୁରୀ ଜିଲ୍ଲା କାକଟପୁର ବ୍ଲକ କାକଟପୁର ଗ୍ରାମ ପଂଚାୟତରେ ମନରେଗା ଯୋଜନାରେ ଅର୍ଥ ହଡ଼ପ ଏବଂ ଜାଲିଆତି ଅଭିଯୋଗକୁ ନେଇ ନୂଆ ବିବାଦ ସୃଷ୍ଟି ହୋଇଛି । ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ, ଜଣେ ଅଙ୍ଗନବାଡି ହେଲପର, ଯିଏକି ଜଣେ ୱାର୍ଡ ସଭ୍ୟଙ୍କ ସ୍ତ୍ରୀ ମଧ ଅଟନ୍ତି, ସେ ଅଙ୍ଗନବାଡି କେନ୍ଦ୍ରରେ ନିଜ କର୍ତବ୍ୟରେ ନିୟୋଜିତ ଥିବା ସମୟରେ ମଧ ମନରେଗା କାର୍ଯ୍ୟରେ ଶ୍ରମିକ ଭାବେ କାମ କରିଥିବା ଦର୍ଶାଯାଇଥିଲା । ଅଭିଯୋଗ ଅନୁଯାୟୀ, କାକଟପୁର ଗ୍ରାମ ପଂଚାୟତର ପିଇଓ ଓ ଏଡିଓ ଚଂଚକତା କରି ଉକ୍ତ ହେଲପରଙ୍କ ନାମରେ ମନରେଗା ହାଜିରା ପକାଇଥିଲେ ଏବଂ ଦୁଇଟି କିସ୍ତିରେ ତାଙ୍କ ଜବକାର୍ଡ ଆକାଉଂଟକୁ ୫,୫୮୮ ଟଙ୍କା ପ୍ରଦାନ କରିଥିଲେ । ଏହା ଏକ ସରକାରୀ ଯୋଜନାର ଅର୍ଥ ଆତ୍ମସାତ ଓ ରେକର୍ଡ ଜାଲିଆତିର ଗୁରୁତର ଅଭିଯୋଗ ଅଟେ । ଏହି ଘଟଣାରେ ସାମ୍ବାଦିକ ପ୍ରସନ ଜେନା ତା.୦୫.୦୬.୨୦୨୬ ରିଖରେ ଅନଲାଇନ ଜନଶୁଣାଣୀ ପୋଟାଲରେ ପୁରୀ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ଜିଲ୍ଲାପାଳ ଅଭିଯୋଗଟିକୁ ଗ୍ରହଣ କରି ତଦନ୍ତ ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ କାକଟପୁର ବ୍ଲକର ବିଡିଓଙ୍କ ନିକଟକୁ ପଠାଇଥିଲେ । କିନ୍ତୁ ବିଡିଓ ଏହି ଅଭିଯୋଗ ଉପରେ କୌଣସି ସ୍ୱତନ୍ତ୍ର ତଦନ୍ତ କରିନଥିବା ବେଳେ, ପୂର୍ବରୁ ତା:୨୬.୦୫.୨୦୨୬ ରେ ଅନ୍ୟ ଏକ ଅଭିଯୋଗ ମାମଲାର ଫଇସଲା ଚିଠି ଦେଇ ମୂଳ ଅଭିଯୋଗକୁ ଡିସ୍ପୋଜ କରିଦେଇଛନ୍ତି । ଫଳରେ ପିଇଓ ଓ ଏଡିଓଙ୍କ ବିରୋଧରେ ଉଠିଥିବା ଦୁର୍ନୀତି ଅଭିଯୋଗକୁ ଚାପି ଦେବା ପାଇଁ ପ୍ରଶାସନିକ ସ୍ତରରେ ଘଂଟଘୋଡ଼ା ଚାଲିଥିବା ନେଇ ସନ୍ଦେହ ପ୍ରକାଶ ପାଇଛି । ପ୍ରଶ୍ନ ଉଠୁଛି, ଯେତେବେଳେ ସରକାରୀ ରେକର୍ଡ ଓ ଆରଟିଆଇ ତଥ୍ୟରେ ଜାଲିଆତିର ସୂଚନା ମିଳୁଛି, ସେତେବେଳେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ବିଭାଗୀୟ ତଦନ୍ତ କିମ୍ବା ଆଇନଗତ କାର୍ଯ୍ୟାନୁଷ୍ଠାନ କାହିଁକି ହେଉନାହିଁ । ବିଡିଓଙ୍କ ଏଭଳି କାର୍ଯ୍ୟ ପ୍ରଶାସନର ସ୍ୱଚ୍ଛତା ଓ ଜବାବ ଦେହିତା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି । ଘଟଣାର ନିରପେକ୍ଷ ତଦନ୍ତ ସହିତ ସମ୍ପୃକ୍ତ ପିଇଓ, ଏଡିଓ ଏବଂ ଅଭିଯୋଗକୁ ନିଷ୍କ୍ରିୟ କରିଥିବା ଅଧିକାରୀଙ୍କ ଭୂମିକା ଉପରେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଶ୍ରୀ ଜେନା ଦାବି କରିଛନ୍ତି ।

ସେଇଠୁ ଆରମ୍ଭ
SEITHO ARAMBHA
ଶୁକ୍ରବାର, ୧୨ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

# ମହିଳା ଟି-୨୦ ବିଶ୍ୱକପ ପୂର୍ବରୁ ସ୍ମୃତି ଫେଲ୍

ନୂଆଦିଲ୍ଲୀ, ୧୧/୬(ନ୍ୟୁ.ଏ): ଭାରତୀୟ ମହିଳା କ୍ରିକେଟ ଦଳର ଷ୍ଟାର ବ୍ୟାଟ୍ସମ୍ୟାନ ସ୍ମୃତି ମନ୍ଧାନାଙ୍କ ବ୍ୟାଟ୍ ନୀରବ । ଇଂଲଣ୍ଡ ଗସ୍ତରୁ ଆରମ୍ଭ କରି ଅଭ୍ୟାସ ମ୍ୟାଚ୍ ପ୍ରତ୍ୟେକ ରନ୍ ପାଇଁ ସଂଘର୍ଷ ଜାରି ରଖିଛନ୍ତି ସ୍ମୃତି । ଟି-୨୦ ବିଶ୍ୱକପ ପୂର୍ବରୁ ଏହି ଷ୍ଟାର ଖେଳାଳିଙ୍କ ଫର୍ମ ସମସ୍ତଙ୍କ ଚିନ୍ତାର କାରଣ ପାଲଟିଛି । ମନ୍ଧାନାଙ୍କ ବ୍ୟାଟ୍ ନୀରବ ରହିବା ଫ୍ୟାନ୍ସ



ଏବଂ ଟିମ ପାଇଁ ବଡ଼ ଚିନ୍ତାର କାରଣ । ଭାରତ ନିଜର ପ୍ରଥମ ମୁକାବିଲା ପାକିସ୍ତାନ ସହ ଖେଳିବ । ଟି-୨୦ ବିଶ୍ୱକପରେ ଭାରତ ପାକିସ୍ତାନ ବିପକ୍ଷରେ ମ୍ୟାଚ ଖେଳିବାକୁ ଥିବାବେଳେ ଦଳ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିବାର ଯୋଜନା ରଖିଛି । ଏହି ଟୁର୍ଣ୍ଣାମେଂଟ ପାଇଁ ପ୍ରସ୍ତୁତି ଏବଂ ପରିସ୍ଥିତି ସହ ଖାପ ଖୁଆଇବା ପାଇଁ ଭାରତୀୟ ଦଳ ବହୁ ପୂର୍ବରୁ ଇଂଲଣ୍ଡରେ ପହଂଚିଥିଲା । ଇସିବି ଡେଭଲପମେଂଟ ମହିଳା ଏକାଦଶ ବିପକ୍ଷରେ ସ୍ମୃତି ୧୦ ବଲରୁ ୨୧ ରନ୍ କରିପାରିଥିଲେ । କିନ୍ତୁ ଏହା ପରଠାରୁ ତାଙ୍କର ଫର୍ମ ହ୍ରାସ ପାଇବାକୁ ଲାଗିଲା । ଇଂଲଣ୍ଡ ବିପକ୍ଷ ପ୍ରଥମ ଟି-୨୦ ମୁକାବିଲାରେ ଖାତା ଖୋଲିବାରେ ବିଫଳ ହୋଇଥିଲେ । ମାତ୍ର ଦ୍ୱିତୀୟ ମ୍ୟାଚରେ ୩୨ ରନ କରିଥିବାବେଳେ ପୁଣି ଆଶା ଉଜ୍ଜିବୀତ କରିଥିଲେ । ମାତ୍ର ଅନ୍ତିମ ମୁକାବିଲାରେ ୮ ରନ କରିଥିଲେ । ଯେଉଁଥିରୁ ଲାଗୁଥିଲା କି, ସେ ଫର୍ମ ପାଇଁ ସଂଘର୍ଷ କରୁଛନ୍ତି । ମାତ୍ର ୱେଷ୍ଟଇଣ୍ଡିଜ୍ ବିପକ୍ଷ ଅଭ୍ୟାସ ମ୍ୟାଚରେ ୩୯ ରନ୍ କରିଥିଲେ । ଯାହାକି ଏହି ଟୁରରେ ତାଙ୍କର ସର୍ବୋତମ ସ୍କୋର । ଲାଗୁଥିଲା କି, ପୁଣି ଫର୍ମକୁ ଫେରିଲେ । ତଥାପି ଇଂଲଣ୍ଡ ବିପ୪ ଅଭ୍ୟାସ ମ୍ୟାଚରେ ମାତ୍ର ୧ ରନ କରିଥିଲେ । ତେବେ ନିଜର ଫର୍ମ ପାଇଁ ଏଭଳି ସଂଘର୍ଷ କରୁଥିବା ସ୍ମୃତି ବିଶ୍ୱକପରେ କିଭଳି ପ୍ରଦର୍ଶନ କରିବେ ଏହା ଉପରେ ସମସ୍ତଙ୍କ ନଜର ରହିଛି । କାରଣ ସେ ଭାରତୀୟ ମହିଳା ଦଳର ବ୍ୟାଟିଂରେ ମେରୁଦଣ୍ଡ ବୋଲି କୁହାଯାଏ । ପାୱାର ପ୍ଲେ'ରେ ଆକ୍ରମଣାତ୍ମକ ବ୍ୟାଟିଂ ଏବଂ ଦଳୀୟ ସ୍କୋରକୁ ପ୍ରଥମରୁ ଆଗକୁ ବଢ଼ାଇବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ସେ କ୍ରିଜରେ ରହିଲେ ଭାରତୀୟ ସ୍କୋର ଦ୍ରୁତ ଗତିରେ ଆଗକୁ ବଢ଼େ । ଏବେ ତାଙ୍କ ଫର୍ମ ପାଇଁ ଚିନ୍ତା ବଢ଼ିଥିବାବେଳେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ରଖାଯାଇଛି ।

# ଟିମ୍ ଇଣ୍ଡିଆର ନୂଆ ଜର୍ସି, ପ୍ରଥମ ଦିନିକିଆ ପାଇଁ ଧର୍ମଶାଳାରେ ଟିମ୍ ଇଣ୍ଡିଆ

ନୂଆଦିଲ୍ଲୀ, ୧୧/୬(ନ୍ୟୁ.ଏ): ଫଟାଫଟ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ ସରିବା ପରେ ଏବେ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ଜାରି ରହିଛି । ଟେଷ୍ଟ ସିରିଜ ପରେ ଦିନିକିଆ ସିରିଜ୍ ମୁଡ୍ ଆକ୍ଟିଭ ହୋଇଛି । ଆଫଗାନିସ୍ତାନ ବିପକ୍ଷରେ ଏକମାତ୍ର ଟେଷ୍ଟରେ ଜବରଦସ୍ତ ବିଜୟ ହାସଲ କରିଥିଲା ଟିମ୍ ଇଣ୍ଡିଆ । ଇନିଂସ ସହ ୩୦୦ରନର ବିଶାଳ ବିଜୟ ହାତେଇଥିଲା । ଜୁନ୍ ୧୩ରୁ ଭାରତ ବନାମ ଆଫଗାନିସ୍ତାନ ମଧ୍ୟରେ ଦିନିକିଆ ସିରିଜ ଆରମ୍ଭ ହେବ । ପ୍ରଥମ ଦିନିକିଆ ପାଇଁ ଧର୍ମଶାଳାରେ କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମରେ ପହଂଚିଛି ଟିମ୍ ଇଣ୍ଡିଆ । ଭାରତୀୟ କ୍ରିକେଟ୍ ଦଳ ଆଫଗାନିସ୍ତାନ ବିପକ୍ଷରେ ପ୍ରଥମ ଦିନିକିଆ ପାଇଁ କାଙ୍ଗଡ଼ା ବିମାନବନ୍ଦରରେ ପହଂଚିଛି । ଯେଉଁଠାରେ କ୍ରିକେଟରମାନଙ୍କୁ ସ୍ୱାଗତ କରିବା ପାଇଁ ବହୁ ସଂଖ୍ୟକ ପ୍ରଶଂସକ ଧାଡ଼ିରେ ଠିଆ ହୋଇଥିଲେ । ରୋହିତ ଶର୍ମା, ଶ୍ରେୟାସ ଆୟର, ଶୁଭମନ ଗିଲ ଏବଂ କେଏଲ ରାହୁଲଙ୍କ ଭଳି ଖେଳାଳିଙ୍କୁ ଦେଖି ପ୍ରଶଂସକମାନେ



ଉତ୍ସାହିତ ହୋଇଥିଲେ । ନୂଆ ଜର୍ସିରେ ଟିମ୍ ଇଣ୍ଡିଆକୁ ଦେଖିବାକୁ ମିଳିଥିଲା । ଆଇପିଏଲ ପରେ ପ୍ରଥମ ମ୍ୟାଚ ଖେଳିବାକୁ ଯାଉଛନ୍ତି ରୋହିତ । ତାଙ୍କ ପାଖରେ ୩୭ ବର୍ଷ ପୁରୁଣା ରେକର୍ଡ ଭାଙ୍ଗିବାର ସୁଯୋଗ ରହିଛି । ୨୦୨୭ ପୂର୍ବ ଟିମ୍ ଇଣ୍ଡିଆର ଏହି ସିରିଜକୁ ପ୍ରାକ୍ ପ୍ରସ୍ତୁତି ଭାବେ ଆକଳନ କରାଯାଇପାରେ । ପୂର୍ବରୁ, ସମସ୍ତ ଭାରତୀୟ ଖେଳାଳି ମୋହାଲିରେ ତାଲିମ ନେଉଥିଲେ, ଯେଉଁଠାରେ ରୋହିତ ଶର୍ମା ମଧ୍ୟ ଦଳରେ ଯୋଗ ଦେଇଥିଲେ । ସେ ସେଂଟର ଅଫ୍ ଏକ୍ସଲେନ୍ସରେ ଫିଟନେସ୍ ପରୀକ୍ଷାରେ ପାସ୍ କରି ଦଳରେ ଯୋଗ ଦେଇଥିଲେ । ଗୁରୁବାର ଦିନ ଖେଳାଳିମାନେ ଧର୍ମଶାଳାରେ ପହଂଚିବା ପରେ ସମସ୍ତଙ୍କ ଦୃଷ୍ଟି ଟିମ୍ ଇଣ୍ଡିଆର ନୂତନ ଯାତ୍ରା କିଟ୍ ଉପରେ ପଡିଥିଲା । ପ୍ରିନ୍ସ ଯାଦବ, ହର୍ଷ ଦୁବେ ଏବଂ ଗୁରନୁର ବ୍ରାରଙ୍କ ଜାତୀୟ ଦଳ ସହିତ ପ୍ରଥମ ଢଉଓ ସିରିଜ୍ । ପ୍ରିନ୍ସ ବିମାନବନ୍ଦରରୁ ବାହାରିବା ସମୟରେ ରୋହିତ ଶର୍ମାଙ୍କ ପଛେ ପଛେ ଯାଇଥିଲେ । ଏହି ସିରିଜରେ ପ୍ରଶଂସକମାନେ ବିରାଟ କୋହଲିଙ୍କୁ ମିସ୍ କରିବେ , ଯିଏ ଦଳରେ ସାମିଲ ଥିଲେ କିନ୍ତୁ ଆଘାତ ଯୋଗୁଁ ବାଦ ପଡ଼ିଥିଲେ । ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଆଘାତ ଯୋଗୁଁ ବାହାରେ ଅଛନ୍ତି । କୋହଲିଙ୍କ ସ୍ଥାନରେ ଯଶ୍ୱସୀଙ୍କୁ ସ୍ଥାନ ମିଳିଛି ।

# ଆଇସିସି ଦିନିକିଆ ରାଙ୍କିଙ୍ଗ: ଭାରତ ୧ନଂରେ ସ୍ଥିର




ନୂଆଦିଲ୍ଲୀ, ୧୧/୬(ନ୍ୟୁ.ଏ): ବାର୍ଷିକ ସଂଶୋଧନ ପରେ ଆଇସିସି ପକ୍ଷରୁ ପୁରୁଷ ଦିନିକିଆ ଟିମ ରାଙ୍କିଙ୍ଗ ଜାରି କରାଯାଇଛି । ଏଥିରେ ପୂର୍ବଭଳି ଟିମ ଇଣ୍ଡିଆ ୧ନଂ ସ୍ଥାନରେ ରହିଛି । କିନ୍ତୁ ଦ୍ୱିତୀୟ ସ୍ଥାନର ଥିବା ନ୍ୟୁଜିଲ୍ୟାଣ୍ଡ ଓ ଭାରତର ମଧ୍ୟରେ ଥିବା ପଏଂଟ ବ୍ୟବଧାନ ୩ ପଏଂଟ କମି ଯାଇଛି । ପୂର୍ବରୁ ଭାରତ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ୮ ପଏଂଟର ବ୍ୟବଧାନ ରହିଥିଲା । କିନ୍ତୁ ଏବେ ଏହା ୫ ପଏଂଟକୁ ଖସି ଆସିଛି । ଆଇସିସି ପକ୍ଷରୁ ଜାରି ତଥ୍ୟ ଅନୁସାରେ, ଟିମ ଇଣ୍ଡିଆ ରାଙ୍କିଙ୍ଗରେ ୧୧୯ ପଏଂଟରୁ ୧୧୮କୁ ଖସି ଯାଇଛି । ତଥାପି ଦଳ ବିଶ୍ୱର ୧ ନଂ ଦିନିକିଆ ଟିମ ହୋଇ ରହିଛି । ନ୍ୟୁଜିଲ୍ୟାଣ୍ଡ ଅଧିକ ଦୁଇ ପଏଂଟ ପାଇଛି । ଏବେ ନ୍ୟୁଜିଲ୍ୟାଣ୍ଡ ପାଖରେ ୧୧୩ ପଏଂଟ ରହିଛି । ୧୦୯ ପଏଂଟ ସହ ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ତୃତୀୟରେ ଅଛି । ଟପ ୧୦ରେ କେବଳ ଗୋଟିଏ ପରିବର୍ତନ ହୋଇଛି । ପାକିସ୍ତାନକୁ ହଟାଇ ଦକ୍ଷିଣ ଆଫ୍ରିକା ୪ନମ୍ବରରେ ପହଂଚି ଯାଇଛି । ଦକ୍ଷିଣ ଆଫ୍ରିକା ୧୦୨ ପଏଂଟ ସହ ୪ର୍ଥ ଓ ପାକିସ୍ତାନ ୯୮ ପଏଂଟ ସହ ୫ମ ସ୍ଥାନକୁ ଖସିଛି । ଏହି ଅପଡେଟ ଯୋଗୁ ୯ମ ସ୍ଥାନରେ ଥିବା ବାଂଲାଦେଶ ଓ ୧୦ମରେ ଥିବା ୱେଷ୍ଟଇଣ୍ଡିଜ ମଧ୍ୟରେ ୧୦ ପଏଂଟର ବ୍ୟବଧାନ ହୋଇ ଯାଇଛି । ବାଂଲାଦେଶର ପଏଂଟ ସଂଖ୍ୟା ୮୩ ଓ ଇଣ୍ଡିଜ ପାଖରେ ୭୩ ପଏଂଟ ରହିଛି । ୬ଷ୍ଠ ସ୍ଥାନରେ ଶ୍ରୀଲଙ୍କା, ୭ମରେ ଆଫଗାନିସ୍ତାନ ଓ ୮ମ ସ୍ଥାନରେ ଇଂଲଣ୍ଡ ଅଛି । ଜିମ୍ବାୱେକୁ ପଛରେ ପକାଇ ଆୟର୍ଲ୍ୟାଣ୍ଡ ୧୧ତମ ସ୍ଥାନ ଦଖଲ କରିଥିବା ବେଳେ ସ୍କଟଲ୍ୟାଣ୍ଡକୁ ମାତ ଦେଇ ୧୩ତମ ସ୍ଥାନରେ ପହଂଚି ଯାଇଛି ଆମେରିକା । ଭାରତୀୟ ଟିମ ଏବେ ଦକ୍ଷିଣ ଆଫ୍ରିକାରେ ହେବାକୁ ଥିବା ୨୦୨୭ ଦିନିକିଆ ବିଶ୍ୱକପ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି । ଶନିବାର ଠାରୁ ଦଳ ଆଫଗାନିସ୍ତାନ ବିପକ୍ଷରେ ୩ଟିକିଆ ଦିନିକିଆ ସିରିଜ ଖେଳିବ । ଏହି ସିରିଜକୁ ଜିତି ଦଳ ନିଜର ୧ନଂ ସ୍ଥାନକୁ ଆହୁରି ମଜବୁତ କରିବାକୁ ଚେଷ୍ଟା କରିବ ।

# ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ନିର୍ବାଚିତ ହେଲେ ୩ ବିଜେପି ସଦସ୍ୟ

ନୂଆଦିଲ୍ଲୀ, ୧୧/୬(ନ୍ୟୁ.ଏ): ମଧ୍ୟପ୍ରଦେଶ ରାଜ୍ୟସଭା ନିର୍ବାଚନରେ ବିଜେପିର କ୍ଲିନ ସୁଇପ । ରାଜ୍ୟର ସମସ୍ତ ୩ଟି ଯାକ ରାଜ୍ୟସଭା ଆସନକୁ ବିଜେପି ନିଜ ନାଁରେ କରିଛି । ଦଳର ୩ ଜଣ ଯାକ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି । ମଧ୍ୟପ୍ରଦେଶରୁ କଂଗ୍ରେସ ମୀନାକ୍ଷୀ ନଟରାଜନଙ୍କୁ ପ୍ରାର୍ଥୀ କରିଥିଲା । ହେଲେ ତାଙ୍କ ପ୍ରାର୍ଥିପତ୍ରକୁ ଦୁଇ ଦିନ ତଳେ ନିର୍ବାଚନ କମିଶନ ଅଗ୍ରାହ୍ୟ କରି ଦେଇଥିଲେ । ଏହାକୁ ନେଇ ବିବାଦ ଲାଗି ରହିଛି । ନିର୍ବାଚନ କମିଶନ ଓ ସୁପ୍ରିମକୋର୍ଟରେ କଂଗ୍ରେସ ଏହାକୁ ଚ୍ୟାଲେଞ୍ଜ କରିଛି । ଏହାର ସମାଧାନ ହେବା ଆଗରୁ ବିଜେପିର ୩ ରାଜ୍ୟସଭା ପ୍ରାର୍ଥୀଙ୍କୁ ନିର୍ବାଚନ କମିଶନ ନିର୍ଦ୍ୱନ୍ଦ୍ୱରେ ବିଜେତା ଘୋଷଣା କରିଛନ୍ତି । ବିଜେପିର ରଜନିଶ ଅଗ୍ରୱାଲ, ତରୁଣ ଚୁଘ ଓ ମହେଶ କେବାତଙ୍କୁ ନିର୍ବାଚନ କମିଶନ ପକ୍ଷରୁ ବିଜୟ ପ୍ରମାଣପତ୍ର ହସ୍ତାନ୍ତର କରିଛନ୍ତି । ବିଜୟପରେ ଅଗ୍ରୱାଲ ମଧ୍ୟ ଦଳକୁ କୃତଜ୍ଞତା ଜଣାଇଛନ୍ତି । ଏହାର ଅର୍ଥ ନଟରାଜନଙ୍କ ପ୍ରାର୍ଥିପତ୍ର ଅଗ୍ରାହ୍ୟକୁ କଂଗ୍ରେସ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ ହେଁ ରାଜ୍ୟସଭା ନିର୍ବାଚନର ରେଜଲ୍ଟ ଘୋଷଣାକୁ ରୋକି ପାରିନାହିଁ । କଂଗ୍ରେସ ତତ୍କାଳ ଏହାର ଶୁଣାଣି ପାଇଁ ଦାବି କରିଥିଲା । ହେଲେ କୋର୍ଟ ଶୁକ୍ରବାର ଯାଏ ଏହାକୁ ସ୍ଥଗିତ କରି ଦେଇଛନ୍ତି । କୋର୍ଟ ଶୁଣାଣି ନ କରିବାରୁ ନିର୍ବାଚନ କମିଶନ ବିଜେପି ପ୍ରାର୍ଥୀଙ୍କୁ ନିର୍ଦ୍ୱନ୍ଦ୍ୱରେ ବିଜେତା ଘୋଷଣା କରି ଦେଇଛନ୍ତି । ବୁଧବାର କଂଗ୍ରେସର ୧୦ ଜଣିଆ ଟିମ ଦିଲ୍ଲୀରେ ନିର୍ବାଚନ କମିଶନଙ୍କୁ ଭେଟିଥିଲେ । କିନ୍ତୁ କୋର୍ଟଙ୍କ ଭଳି ନିର୍ବାଚନ କମିଶନ ମଧ୍ୟ ନିର୍ବାଚନ ପ୍ରକ୍ରିୟା ଶେଷ ନ ହେବା ଯାଏ କୌଣସି ରୁଲିଂ ଦିଆଯାଇ ପାରିବ ନାହିଁ ବୋଲି କହିଥିଲେ । କଂଗ୍ରେସର କହିବା କଥା ଯେ ନଟରାଜନଙ୍କୁ ରାଜ୍ୟସଭା ପଠାଇବା ପାଇଁ ଦଳ ପାଖରେ ଆବଶ୍ୟକ ସଂଖ୍ୟା ରହିଛି । କିନ୍ତୁ ଜୁନ ୯ରେ ନିର୍ବାଚନ କମିଶନ ଜାଣିଶୁଣି ନଟରାଜନଙ୍କ ପ୍ରାର୍ଥିପତ୍ର ରଦ୍ଦ କରି ଦେଇଥିଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଆଜି କଂଗ୍ରେସ ସୁପ୍ରିମକୋର୍ଟରେ ଜରୁରୀ ଶୁଣାଣି ପାଇଁ କହିଥିଲା ।

# ଭାରତୀୟ କ୍ରିକେଟ ଟିମରେ ରାହୁଲ ଦ୍ରାବିଡ଼ଙ୍କ ପୁଅ

ନୂଆଦିଲ୍ଲୀ, ୧୧/୬(ନ୍ୟୁ.ଏ): ଭାରତୀୟ ଜାତୀୟ କ୍ରିକେଟ ଟିମର ପୂର୍ବତନ କୋଚ ତଥା କ୍ୟାପ୍ଟେନ ରାହୁଲ ଦ୍ରାବିଡଙ୍କ ପାଇଁ ଖୁସି ଖବର । ତାଙ୍କ ସାନ ପୁଅ ଅନଭୟ ଦ୍ରାବିଡଙ୍କୁ ପ୍ରଥମ ଥର ପାଇଁ ଭାରତୀୟ ଟିମରେ ସୁଯୋଗ ମିଳିଛି । ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜ ପାଇଁ ଘୋଷଣା ହୋଇଥିବା ଅଣ୍ଡର ୧୯ ଭାରତୀୟ ଟିମରେ ଅନଭୟ ସ୍ଥାନ ପାଇଛନ୍ତି । ଏସ୍ ଶରତଙ୍କ ନେତୃତ୍ୱାଧୀନ ବିସିସିଆଇର ଜୁନିୟର କ୍ରିକେଟ କମିଟି ଜୁଲାଇ ୪ରୁ ଆରମ୍ଭ ହେଉଥିବା ଶ୍ରୀଲଙ୍କା ବିପକ୍ଷ ୩ ଟିକିଆ ଦିନିକିଆ ଓ ୨ଟିକିଆ ବହୁ ଦିବସୀୟ ସିରିଜ ପାଇଁ ସ୍କ୍ୱାଡ ଘୋଷଣା କରିଛି । ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜ ପାଇଁ ଘୋଷଣା ହୋଇଥିବା ସ୍କ୍ୱାଡରେ ଅନଭୟ ୱିକେଟ କିପର ଭାବେ ସ୍ଥାନ ପାଇଛନ୍ତି । ତାଙ୍କ ସହ ରାଜତ ବାଘେଲଙ୍କୁ ମଧ୍ୟ ୱିକେଟ କିପର ଭାବେ ସ୍କ୍ୱାଡରେ ରଖାଯାଇଛି । କିନ୍ତୁ ବହୁ ଦିବସୀୟ ସିରିଜରେ ଅନଭୟଙ୍କୁ ରଖାଯାଇନି । ମାନବ କ୍ରିଷ୍ଣା ଓ ଆର୍ଯ୍ୟନ ସନ୍ଦେଶ ସକପାଲ ବହୁ ଦିବସ ସିରିଜରେ ୱିକେଟ କିପର ଭୂମିକାରେ ରହିବେ । କର୍ଣ୍ଣାଟକାର ଅନଭୟ ବୟସ ବର୍ଗ କ୍ରିକେଟରେ ନିଜର ଛାପ ଛାଡ଼ିବାକୁ ସକ୍ଷମ ହୋଇଛନ୍ତି । ଗତବର୍ଷ ଭିନୁ ମଙ୍କଡ ଟ୍ରଫିରେ ଅନଭୟଙ୍କ ନେତୃତ୍ୱରେ କର୍ଣ୍ଣାଟକା କ୍ୱାର୍ଟର ଫାଇନାଲ ଯାଇଥିଲା । ଅନଭୟ ମଧ୍ୟ ବ୍ୟାଟିଂରେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ । ୬ଟି ମ୍ୟାଚ୍‌ରେ ସେ ୨୨୦ ରନ କରିବାକୁ ସକ୍ଷମ ହୋଇଥିଲେ । ଏହା ମଧ୍ୟରେ ଦୁଇଟି ଅର୍ଦ୍ଧଶତକ ରହିଥିଲା । ଏହି ପ୍ରଦର୍ଶନ ଆଧାରରେ ତାଙ୍କୁ ଏବେ ଭାରତୀୟ ଅଣ୍ଡର ୧୯ ଟିମରେ ସୁଯୋଗ ମିଳିଛି । ଅନଭୟଙ୍କ ପୂର୍ବରୁ ୨୦୨୪ରେ ତାଙ୍କ ବଡ଼ ଭାଇ ସମିତ ମଧ୍ୟ ଭାରତୀୟ ଅଣ୍ଡର ୧୯ ଟିମରେ ସୁଯୋଗ ପାଇଥିଲେ । ତାଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ପାଇଁ ଚୟନ କରାଯାଇଥିଲା । ୨ ବର୍ଷ ପରେ ସମିତଙ୍କ ସାନ ଭାଇ ଅନଭୟ ମଧ୍ୟ ଭାରତୀୟ ଅଣ୍ଡର ୧୯ ଟିମରେ ସାମିଲ ହୋଇଛନ୍ତି । ଏହି ଟିମର ନେତୃତ୍ୱ ଯଶବର୍ଦ୍ଧନ ସିଂହ ଚୌହାନ ନେବେ । ଉଭୟ ଦିନିକିଆ ଓ ବହୁ ଦିବସ ମ୍ୟାଚ୍ ?ରେ ଭାରତୀୟ ଅଣ୍ଡର ୧୯ ଟିମର କମାଣ ତାଙ୍କୁ ଦିଆଯାଇଛି । ଦୁଇଟି ଯାକ ଫର୍ମାଟରେ ଲକ୍ଷ୍ୟ ରାୟଚନ୍ଦାନିଙ୍କୁ ଉପ ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି ।




# ଜେରା ପାଇଁ ସିଆଇଡିରେ ହାଜର ହେଲେ ଅଭିଷେକ ବାନାର୍ଜୀ

କୋଲକାତା, ୧୧/୬(ନ୍ୟୁ.ଏ): ପଶ୍ଚିମବଙ୍ଗ ରାଜ୍ୟ ବିଧାନସଭାରେ ବିରୋଧୀ ଦଳ ନେତା ବାଛିବାପାଇଁ ହୋଇଥିବା ଦସ୍ତଖତ ଜାଲିଆତି ମାମଲାରେ ଆଜି ତୃଣମୂଳ କଂଗ୍ରେସ ଜାତୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ଜେରା ପାଇଁ ସିଆଇଡିରେ ହାଜର ହୋଇଛନ୍ତି । ଅଭିଷେକଙ୍କୁ ପୂର୍ବରୁ ଏହି ମାମଲାରେ ତଦନ୍ତକାରୀ ସଂସ୍ଥା ୩ଟି ନୋଟିସ୍ କରିଥିଲେ ସୁଦ୍ଧା ସେ ହାଜର ହୋଇନଥିଲେ । ଆଜି ଅପରାହ୍ନ ୪.୩୦ରେ ଅଭିଷେକ ଦିଲ୍ଲୀରୁ କୋଲକାତାକୁ ଫେରିବାପରେ ସିଆଇଡିରେ ହାଜର ହୋଇଛନ୍ତି । ଉଲ୍ଲେଖଯୋଗ୍ୟ ପଶ୍ଚିମବଙ୍ଗରେ ଶାସନ ପରିବର୍ତନ ହେବାପରେ ଟିଏମ୍‌ସିର ଡାଏମଣ୍ଡ ହାର୍ବର ସାଂସଦ ପ୍ରଥମ ଥର ପାଇଁ ରାଜ୍ୟ ତଦନ୍ତକାରୀ ସଂସ୍ଥାରେ ହାଜର ହୋଇଛନ୍ତି । ପୂର୍ବରୁ ସେ ସ୍କୁଲ୍ ଚାକିରି ନିଯୁକ୍ତି ମାମଲାରେ ଇଡି ଏବଂ ସିବିଆଇ ଭଳି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ନିକଟରେ ହାଜର ହୋଇଥିଲେ । କାଲକାଟା ହାଇକୋର୍ଟ ଆଜି ଅଭିଷେକଙ୍କୁ କୌଣସି ପ୍ରକାର ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନରୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିବାପରେ ସେ ଆଜି ସନ୍ଧ୍ୟା ୫.୫୦ରେ ସିଆଇଡି ମୁଖ୍ୟାଳୟ 'ଭବାନୀ ଭବନ'ରେ ପହଂଚିଥିଲେ । କୋର୍ଟ ଅଭିଷେକଙ୍କୁ ସନ୍ଧ୍ୟା ୬ଟା ସୁଦ୍ଧା ସିଆଡି ମୁଖ୍ୟାଳୟରେ ହାଜର ହେବାପାଇଁ କହିଥିଲେ ।

# ପାକିସ୍ତାନ ସେନାର ବର୍ବରତା: ଗୁଳି ମାଡ଼ରେ ପୁଣି ୧୬ ବିକ୍ଷୋଭକାରୀ ମୃତ

ନୂଆଦିଲ୍ଲୀ, ୧୧/୬(ନ୍ୟୁ.ଏ): ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ)ରେ ପାକିସ୍ତାନ ସେନାର ବର୍ବରତା । ଏଠାରେ ନିଜର ଅଧିକାର ପାଇଁ ବିକ୍ଷୋଭ କରୁଥିବା ନିରୀହ ଲୋକଙ୍କ ପରେ ପାକିସ୍ତାନ ସେନା ଆଜି ପୁଣି ଏକେ ୪୭ରୁ ଗୁଳି ମାଡ଼ କରିଛି । ଏଥିରେ ୧୬ ଜଣ ବିକ୍ଷୋଭକାରୀ ପ୍ରାଣ ହରାଇଥିବା ବେଳେ ୩୭ ଜଣ ଆହତ ହୋଇଛନ୍ତି । ପିଓକେର ଇଦଗା ଗ୍ରାଉଣ୍ଡରେ ଚାଲିଥିବା ବିକ୍ଷୋଭ ବେଳେ ପାକିସ୍ତାନ ସେନା ଏପରି ନରସଂହାର କରିଛି । ଆଜି ବିକ୍ଷୋଭକାରୀମାନେ ବେଶ ଶାନ୍ତିପୂର୍ଣ୍ଣ ଭାବେ ଶସ୍ତାରେ ଅଟା, ଚାଉଳ, ବିଜୁଳି ଓ ମୌଳିକ ଅଧିକାରୀ ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ । ସେମାନେ ନିଜର ଆବଶ୍ୟକତାକୁ ସରକାରଙ୍କ ପାଖରେ ପହଂଚାଇବାକୁ ଉଦ୍ୟମ କରିଥିଲେ । ହେଲେ ପାକିସ୍ତାନ ସେନା ଏହି ଶାନ୍ତିପୂର୍ଣ୍ଣ ବିକ୍ଷୋଭକୁ ରକ୍ତରଞ୍ଜିତ କରି ଦେଇଛି । ପିଓକ ପ୍ରତି ପାକିସ୍ତାନ ସରକାର କରୁଥିବା




ପାତରଅନ୍ତର ବିରୋଧରେ ସ୍ୱର ଉତୋଳନ କରିବାକୁ ରାୱାଲାକୋଟରେ ୬୦ରୁ ୭୦ ହଜାର ଲୋକ ଏକାଠି ହୋଇଥିଲେ । ମଙ୍ଗଳବାର ସୁରକ୍ଷାକର୍ମୀଙ୍କ ସହ ସଂଘର୍ଷରେ ପ୍ରାର ହରାଇ ଥିବା ୩୦ ଜଣ ଓ ଆହତ ହୋଇଥିବା ୨୦୦ ଜଣଙ୍କ ପାଇଁ ସେମାନେ ନ୍ୟାୟ ମାଗି ନାରାବାଜୀ କରିଥିଲେ । "ଏହି ଆତଙ୍କବାଦ ପଛରେ ୟୁନିଫର୍ମ ପିନ୍ଧିଥିବା ଲୋକ ଅଛନ୍ତି" ନାରା ପୂରା ଅଂଚଳରେ ପ୍ରକମ୍ପିତ କରିଥିଲା । ବାସ ଏହି ନାରା ପାକିସ୍ତାନ ସେନାକୁ ବିଚଳିତ କରିଥିଲା । ଏହାପରେ ସେମାନେ ବିକ୍ଷୋଭକାରୀଙ୍କ ଉପରକୁ ଗୁଳି ମାଡ଼ କରିଥିଲେ ବୋଲି ଜଣାପଡ଼ିଛି । ଆଜି ଖାଇ ଗାଲା ଗାଁରେ ଲୋକମାନେ ଦୋକାନ ବଜାର ବନ୍ଦ କରି ବିକ୍ଷୋଭ ଶୋଭାଯାତ୍ରା କରିଥିଲେ । ହେଲେ ପ୍ରତିବାଦ ପରେ ପୂରା ଅଂଚଳ ରକ୍ତରଞ୍ଜିତ ହୋଇଛି । ଶୋକାକୁଳ ପରିବାର ନିଜ ପ୍ରିୟଜନଙ୍କୁ ଖୋଜିବାରେ ଲାଗିଛନ୍ତି । ପିଓକେର ସାମାଜିକ କର୍ମୀ ସରଦାର ଅମନ ଖାନ କହିଛନ୍ତି ଯେ ଜୀବନହାନି ସତ୍ୱେ ଏହି ଆନ୍ଦୋଳନ ଜାରି ରହିବ । ଅଧିକାର ପାଇଁ ସ୍ୱର ଉଠାଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ପାକିସ୍ତାନ 'ଆତଙ୍କବାଦୀ' ବୋଲି ଚିହ୍ନଟ କରୁଛି । ବିକ୍ଷୋଭରେ ସ୍ଥାନୀୟ ଅଂଚଳର ରାଜନେତାମାନେ ସାମିଲ ହୋଇଥିଲେ । ସେହିପରି ଯୁଗ୍ମ ଆୱାମୀ ଆକ୍ସନ କମିଟିର ସଦସ୍ୟମାନେ ସରକାରଙ୍କ କାର୍ଯ୍ୟକଳାପକୁ ସମାଲୋଚନା କରିଛନ୍ତି । ପାକିସ୍ତାନ ସେନାର ନରସଂହାରର ନିରପେକ୍ଷ ତଦନ୍ତ ପାଇଁ ସେମାନେ ଦାବି କରିଛନ୍ତି । ସେହିପରି ଅନ୍ତର୍ଜାତୀୟ ସମୁଦାୟ ଓ ମାନବାଧିକାର ସଂଗଠନଗୁଡ଼ିକୁ ଏହା ଉପରେ ନଜର ଦେବାକୁ ସେମାନେ ଅନୁରୋଧ କରିଛନ୍ତି ।

# ଆମେରିକା ସେନା ଆକ୍ରମଣରେ ୩ ଭାରତୀୟ ନିହତ

ନୂଆଦିଲ୍ଲୀ, ୧୧/୬(ନ୍ୟୁ.ଏ): ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ୍ ବା ହୋର୍ମୁଜ ପ୍ରଣାଳୀରୁ ଏକ ଅତ୍ୟନ୍ତ ସଂବେଦନଶୀଳ ଓ ଦୁଃଖଦ ଖବର ସାମ୍ନାକୁ ଆସିଛି । ଓମାନ ଉପକୂଳରେ ପାଲାଉ ପତାକାଧାରୀ ତେଲ ଟାଙ୍କର 'ଏମଟି ସେଟ୍ଟେବେଲୋ' ଉପରେ ଆମେରିକା ସେନା ପକ୍ଷରୁ ହୋଇଥିବା ଆକ୍ରମଣରେ ନିଖୋଜ ଥିବା ୩ ଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟିଛି । ଗୁରୁବାର କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଏହି ସୂଚନା ଦେବା ସହ ଗଭୀର ଶୋକ ପ୍ରକାଶ କରିଛନ୍ତି । ଅନ୍ୟପଟେ ଏହି ଘଟଣାକୁ ନେଇ ଭାରତ ସରକାର ଆମେରିକା ନିକଟରେ କଡ଼ା ଆପତି ଜଣାଇଛନ୍ତି । କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ସୋସିଆଲ ମିଡିଆରେ ପୋଷ୍ଟ କରି କହିଛନ୍ତି ଯେ, ଏହା ଭାରତୀୟ ସାମୁଦ୍ରିକ ସମୁଦାୟ ପାଇଁ ଏକ ଅପୂରଣୀୟ କ୍ଷତି । ପୂର୍ବରୁ ନିଖୋଜ ଥିବା ୩ ଜଣ ଭାରତୀୟ ନାବିକଙ୍କ ମଧ୍ୟରୁ ଦୁଇଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା




ବେଳେ ବର୍ତମାନ ସମସ୍ତ ୩ ଜଣଙ୍କ ମୃତ୍ୟୁ ସ୍ପଷ୍ଟ ହୋଇଛି । 'ଏହି କଠିନ ସମୟରେ କେନ୍ଦ୍ର ସରକାର ମୃତକଙ୍କ ପରିବାର ସହିତ ଅଛନ୍ତି ଏବଂ ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ । ସୁରକ୍ଷିତ ଉଦ୍ଧାର ହୋଇଥିବା ଅନ୍ୟ ନାବିକଙ୍କୁ ତୁରନ୍ତ ଦେଶକୁ ଫେରାଇ ଆଣିବା ଏବଂ ମୃତକଙ୍କ ପାର୍ଥିବ ଶରୀରକୁ ସମ୍ମାନର ସହ ସେମାନଙ୍କ ପରିବାର ନିକଟରେ ପହଂଚାଇବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଓମାନ ଉପସାଗରରେ ଆମେରିକା ସେନା ପକ୍ଷରୁ ଏହି ତେଲ ଟାଙ୍କର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଆମେରିକାର ଦାବି ଅନୁଯାୟୀ, ଜାହାଜଟି ସେମାନଙ୍କ ନିର୍ଦ୍ଦେଶ ପାଳନ କରୁନଥିଲା ଏବଂ ସେଥିରେ ଇରାନରୁ ବେଆଇନ ଭାବେ ତେଲ ଚାଲାଣ କରାଯାଉଥିଲା । ଏହି କାରଣରୁ ଆମେରିକୀୟ ସେନା ଜାହାଜର ଇଞ୍ଜିନ ରୁମ୍କୁ ଟାର୍ଗେଟ କରି ଆକ୍ରମଣ କରିଥିଲେ । ଆକ୍ରମଣ ସମୟରେ ଉକ୍ତ ବାଣିଜ୍ୟିକ ଜାହାଜରେ ୨୪ ଜଣ ଭାରତୀୟ ନାଗରିକ ଥିଲେ । ସେମାନଙ୍କ ମଧ୍ୟରୁ ୨୧ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ମୃତ୍ୟୁବରଣ କରିଥିବା ତିନି ନାବିକ ହେଉଛନ୍ତି ଉତର ପ୍ରଦେଶର ଆଦିତ୍ୟ ଶର୍ମା, ଆନ୍ଧ୍ର ପ୍ରଦେଶର ଶିବାନନ୍ଦ ଚୌରାସିଆ ଏବଂ ହିମାଚଳ ପ୍ରଦେଶର ସୁରେଶ । ଫରୱାର୍ଡ ସିମେନ୍ସ ୟୁନିଅନ ଅଫ୍ ଇଣ୍ଡିଆ (ଋଝଟଓ) ର ସାଧାରଣ ସମ୍ପାଦକ ମନୋଜ ଯାଦବ କହିଛନ୍ତି ଯେ, ଘଟଣା ପରେ ଜାହାଜ ସହିତ ଯୋଗାଯୋଗ କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଥିଲା । ଏହି ସାଂଘାତିକ ଘଟଣାକୁ ନେଇ ଭାରତ ସରକାର ଅତି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ବେସାମରିକ ତଥା ବାଣିଜ୍ୟିକ ଜାହାଜ ଉପରେ ହୋଇଥିବା ଏହି ଆକ୍ରମଣକୁ ଭାରତୀୟ ବିଦେଶ ମନ୍ତ୍ରଣାଳୟ ତୀବ୍ର ନିନ୍ଦା କରିଛି । ବିଦେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଆନ୍ତର୍ଜାତୀୟ ଜଳସୀମାରେ ବାଣିଜ୍ୟିକ ଜାହାଜଗୁଡ଼ିକୁ ଏଭଳି ଟାର୍ଗେଟ୍ କରାଯିବା ଅତ୍ୟନ୍ତ ଚିନ୍ତାଜନକ ।






Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das